visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.132 Bhubaneswar Friday, July 09, 2021 ୨୪ତମ ବର୍ଷ ସଂଖ୍ୟା–୧୩୨ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୦୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS





କେନ୍ଦ୍ର କୃଷି କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରାସାୟନିକ ଓ ସାର ମନ୍ତ୍ରୀ ମାସୁଖ ମାଣ୍ଡଭିଆ ଏବଂ ସୂଚନା ଓ ପ୍ରସାରଣ ଏବଂ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ନୂଆଦିଲ୍ଲୀରେ କ୍ୟାବିନେଟ ନିଷ୍ପତ୍ତି ଉପରେ ସାମ୍ବାଦିକ ସମ୍ମିଳନୀ

# ଗୋଟିଏ ଦିନରେ ୨୫୪୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୫୪୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୩୨୩୩୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୦୦୨୮୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୭୫୮୦ ରହିଛି । ଆଜି ଚିହ୍ନଟ ହୋଇଥିବା ୨୫୪୨ ଜଣଙ୍କ ମଧ୍ୟରୁ ୧୪୫୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୮୪୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକରୁ ସବୁଠାରୁ ଅଧିକ ୪୨୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୨୧ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୧୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୭, କଟକରୁ ୪୨୮, ଦେବଗଡ ଜିଲ୍ଲାରୁ ୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୪ ଜଣ, ଗଜପତି ଜିଲ୍ଲାରୁ ୧୫ , ଗଞ୍ଜାମରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨୮ ଜଣ, ଯାଜପୁରରୁ ୧୩୯ ଜଣ, ଝାରସୁଗୁଡ଼ାରୁ ୨୪ ଜଣ, କଳାହାଣ୍ଡିରୁ ୧୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୯ ଜଣ. କେନ୍ଦ୍ରାପଡ଼ାରୁ ୧୬୭ ଜଣ, କେନ୍ଦୁଝରରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୨୪ ଜଣ, କୋରାପୁଟରୁ ୪୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୨୪ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ରୁ ୭୮ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୫୦ ଜଣ, ରାୟଗଡ଼ାରୁ ୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୮ ଜଣ, ସୋନପୁରରୁ ୫ ଜଣ, ସୁନ୍ଦରଗଡ଼ରୁ ୫୭ ଜଣ ଓ ଷ୍ଟେଟ୍ ପୁଲରୁ ୭୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୧୧ରେ ହୀରାକୁଦରୁ ଛଡାଯିବ ପ୍ରଥମ ବନ୍ୟାଜଳ

ଭୁବନେଶ୍ୱର, ୮।୭(ପି.ଏନ): ଆସନ୍ତା ୧୧ ତାରିଖ (ରବିବାର) ଦିନ ହୀରାକୁଦ ବନ୍ଧରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ମହାନଦୀରେ ଛଡ଼ାଯିବ। ଉକ୍ତ ଦିନ ୧୧ଟା ପରେ ଯେକୌଣସି ସମୟରେ ହୀରାକୁଦ ବନ୍ଧର ଗେଟ୍ ଖୋଲାଯିବ। ଉପର ମୁଣ୍ଡରେ ଲଗାତାର ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଲଗାତାର ଭାବେ ବୃଦ୍ଧି ପାଉଥିବାରୁ ହୀରାକୁଦ ଗେଟ୍ ଖୋଲିବାକୁ ନିଷ୍ପତି ନିଆ ଯାଇଥିବା ହୀରାକୁଦ ହେଡ୍ ୱାର୍କସ ଓ ଅତିରିକ୍ତ ଷ୍ଟିଲ୍ ୱେ'ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିରାକାର ବିଶି ସୂଚନା ଜାରି କରିଛନ୍ତି। ଗେଟ୍ ଖୋଲିବା ପୂର୍ବରୁ ନିୟମ ମୁତାବକ ହୀରାକୁଦ ବନ୍ଧ ପକ୍ଷରୁ ବଜା ଯାଉଥିବା ସାଇରନ୍ ବଜାଯିବ।

# ରାଜ୍ୟରେ ଟିକା ଅଭାବ , ପ୍ରଭାବିତ ହେବ ଟିକାକରଣ

ଭୁବନେଶ୍ୱର, ୮।୭(ପି.ଏନ): ବର୍ତମାନ ରାଜ୍ୟରେ ୧ ଲକ୍ଷ ୯୦ ହଜାର ୩୮୦ ଡୋଜ୍ କୋଭିସିଲଡ୍ ଓ ୨ ଲକ୍ଷ ୯୮ ହଜାର ୮୧୦ କୋଭାକ୍ସିନ ମହଜୁଦ୍ ରହିଛି। ରାଜ୍ୟରେ ଯେତିକି କୋଭିସିଲଡ୍ ଟିକା ଅଛି ଆଉ ୨ ଦିନ ଟିକାକରଣ ହୋଇପାରିବ। ତା ପରେ ଅଧିକାଂଶ ଜିଲ୍ଲାରେ ଟିକାକରଣ ବନ୍ଦ ରହିବ। ଆଜି ୪ଟି ଜିଲ୍ଲାରେ ଟିକାକରଣ ବନ୍ଦ ଅଛି ଆସନ୍ତା ୧୫ ତାରିଖରେ ଆଉ ୩ ଲକ୍ଷ ୧୬ ହଜାର ୪୭୦ ଡୋଜ୍ କୋଭିସିଲ୍ଡ ଆସିବ। ତେଣୁ ପ୍ରାୟ ୩, ୪ ଦିନ ଟିକାକରଣ ବାଧାପ୍ରାପ୍ତ ହେବ। ସେହିପରି ୧ ଲକ୍ଷ ୭୩ ହଜାର କୋଭାକ୍ସିନ ଡୋଜ ଆଜି କିମ୍ବା କାଲି ଆସିବ। ତେଣୁ କୋଭାକ୍ସିନ ଟିକାକରଣ ଚାଲିବ। ଚଳିତ ମାସରେ ରାଜ୍ୟ ପାଇଁ ୨୫ ଲକ୍ଷ ୩୧ ,୮୦୦ ଡୋଜ କୋଟା ଅଛି। ଏ ପର୍ଯ୍ୟନ୍ତ ୧୧ ଲକ୍ଷ ୬୦ ହଜାର ୪୦୦ ଡୋଜ ଆସି ସାରିଲାଣି ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ।ସେ କହିଛନ୍ତି, ରାଜ୍ୟରେ ଟିକା ଅଭାବରୁ ପ୍ରଥମ ପର୍ଯ୍ୟାୟ ଟିକାକରଣ ଧିମେଇ ଯାଉଥିବା ବେଳେ ୨୮ ଲକ୍ଷ ଲୋକଙ୍କୁ କୋଭିସିଲ୍ଡ ଦ୍ୱିତୀୟ ଡୋଜ ଟିକା ଦିଆଯିବ। ଯେଉଁମାନେ ପ୍ରଥମ ଟିକା ନେବାର ୧୨ରୁ ୧୬ ସପ୍ତାହରେ ପହଂଚିଲେଣି, ସେମାନଙ୍କ ଦ୍ୱିତୀୟ ଡୋଜ ଦେବାକୁ ତତ୍ପରତା ପ୍ରକାଶ ପାଉଛି। ସେମାନଙ୍କ ମଧ୍ରୁ ଯେଉଁମାନେ ୧୬ ସପ୍ତାହ ପାଖାପାଖି ପହଂଚିଗଲେଣି ସେମାନଙ୍କୁ ପ୍ରାଥମିକତା ଦିଆଯିବ ।ଅପରପକ୍ଷରେ ଗର୍ଭବତୀମାନେ କରୋନା ଟିକା ନେଲେ ବିପଦ ନାହିଁ। ତେବେ ଟିକା ନେବାକୁ ଆସୁଥିବା ଗର୍ଭବତୀ ଧାଡ଼ିରେ ଛିଡ଼ା ହେବେ ନାହିଁ । ଟିକାକରଣ କେନ୍ଦ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତୀକ୍ଷାଳୟ କରାଯିବ । ଗର୍ଭବତୀମାନେ ଟିକା ନେଲେ ଫଳପ୍ରଦ ହେବ ବୋଲି ପ୍ରଥମେ ସେମାନଙ୍କୁ ସଚେତନ କରାଯିବ। ଗର୍ଭବତୀଙ୍କୁ ଟିକାକରଣ ନେଇ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯିବ। ଟିକା ନେବା ପରେ ସେମାନଙ୍କ ଉପରେ ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହୁଛି କି ନାହିଁ ତାହା ଅନୁଧ୍ୟାନ କରାଯିବ। ଘର ଘର ବୁଲି ଗର୍ଭବତୀଙ୍କୁ ଟିକାକରଣ କରିବା ପ୍ରସ୍ତାବକୁ ବାରଣ କରାଯାଇଛି। କାରଣ ସେମାନେ ନିକଟସ୍ଥ କେନ୍ଦ୍ରକୁ ଆସି ଟିକା ନେଲେ ତାହାର ପାର୍ଶ୍ୱ ପ୍ରତିକ୍ରିୟା କ'ଣ ରହୁଛି ତାହା ନଜରରେ ରହିବ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ।

# ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର, ୮।୭(ପି.ଏନ): ଚଳିତ ବର୍ଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରାର ସୁପରିଚଳନା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ରଥଯାତ୍ରା ପ୍ରସ୍ତୁତି ବୈଠକରୁ ଏହା ଜଣା ଯାଇଛି। ଗତବର୍ଷ ସମସ୍ତଙ୍କ ସହଯୋଗରେ ରଥଯାତ୍ରା ସୁରୁଖୁରୁରେ ଅନୁଷ୍ଠିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ଏବର୍ଷ ମଧ ଯେପରି ରଥଯାତ୍ରା ସୁଚାରୁ ରୂପେ ପାଳିତ ହେବ ଏବଂ ଭକ୍ତ ମାନେ ଘରେ ରହି ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ପୁରୀ ସହରବାସୀ, ସେବାୟତ ମାନଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଗତବର୍ଷ ପରି ଏ ବର୍ଷ ମଧ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଏକ ଅସାଧାରଣ ପରିସ୍ଥିତିରେ ହେବାକୁ ଯାଉଛି । ସାରା ବିଶ୍ୱ ଟେଲିଭିଜନ ଓ ସୋସିଆଲ ମିଡିଆ ମାଧମରେ ହିଁ କାଳିଆ ଠାକୁରଙ୍କୁ ଦର୍ଶନ କରିବେ । ତେଣୁ ମହାପ୍ରଭୁଙ୍କ ନୀତି ଠିକ ସମୟରେ ଶେଷ ହେବା ଦରକାର । ତା ସହିତ କୋଭିଡ ନିୟମକୁ ମଧ ଯାତ୍ରା ସମୟରେ ଠିକ ଭାବରେ ପାଳନ କରାଯିବା ଜରୁରୀ । କୋଭିଡ୍ ମହାମାରୀ ସମ୍ପର୍କରେ ସଚେତନ କରାଇ ମୁଖ୍ୟମନ୍ତ୍ରୀ କହିଲେ ଯେ କୋଭିଡର ଦ୍ୱିତୀୟ ଲହର କମି ଆସୁଥିଲେ ମଧ ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ଚଳିତ ବର୍ଷ ରଥଯାତ୍ରା ଯେପରି ସୁରୁଖୁରୁ ରେ ଶେଷ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ବୈଠକରେ ଯୋଗ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ସେବାୟତ ଓ ସମସ୍ତ ସମ୍ପୃକ୍ତ ଅଧିକାରୀ ମାନଙ୍କ ପାଇଁ କୋଭିଡ୍ ଟେଷ୍ଟ, ଟୀକାକରଣ ବ୍ୟବସ୍ଥା ସହିତ ଫାଷ୍ଟ ଏଡ କେନ୍ଦ୍ର, ଆମ୍ବୁଲାନ୍ସ ,ମେଡିକାଲ ଏଡ୍ ପୋଷ୍ଟ ଏବଂ ପୁରୀ ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଜରୁରୀକାଳୀନ ଆବଶ୍ୟକତା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଥିଲେ। ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ଗତବର୍ଷ ପରି ଏ ବର୍ଷ ମଧ ରଥଯାତ୍ରା ସୁରୁଖୁରୁ ରେ ଶେଷ ହେବ ବୋଲି ଆଶା ପ୍ରକାଶ କରିଥିଲେ। ବୈଠକରେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବନ୍ଦୋବସ୍ତ କରାଯାଇଛି ବୋଲି ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଜଣାଇ ଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଥଯାତ୍ରା ପାଇଁ କରାଯାଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଲୋଚନା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର , ଉନ୍ନୟନ କମିଶନର ପି କେ ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।

## ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗ ଅବସରପ୍ରାପ୍ତ ପଣ୍ୟାଗାର ଭାରପ୍ରାପ୍ତ ଅଧିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବଲାଙ୍ଗିର, ୮।୭(ପି.ଏନ): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ଅବସରପ୍ରାପ୍ତ ପଣ୍ୟାଗାର ଭାରପ୍ରାପ୍ତ ଅଧିକ୍ଷକ ଗଣପତି ପୁରୋହିତଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ଗଣପତିଙ୍କ ବଲାଙ୍ଗୀର ପ୍ୟାଲେସ୍ ଲାଇନ୍ ବାସଭବନ ସମେତ ଏକକାଳୀନ ଚାରୋଟି ସ୍ଥାନରେ ଏହି ଚଢ଼ଉ ହୋଇଛି । ଚଢ଼ଉ ବେଳେ ନଗଦ ଟଙ୍କା, ସୁନାଗହଣା, ବ୍ୟାଙ୍କ ଜମା ସମେତ ଚାରୋଟି ମୂଲ୍ୟବାନ୍ କୋଠା ଠାବ ହୋଇଛି । ବିଭାଗୀୟ ଅଧିକାରୀ ମାନେ ତାଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତିର ଆକଳନ କରୁଛନ୍ତି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

## ୧୨ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୮।୭(ପି.ଏନ): ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ତଥା ସଂଲଗ୍ନ ଉତର-ପଶ୍ଚିମ ଏବଂ ଉତର-ଆନ୍ଧ୍ର-ଦକ୍ଷିଣ ଓଡିଶା ଉପକୂଳ ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧରେ ରାଜ୍ୟର ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ପ୍ରକାଶ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ନୂଆପଡ଼ା, ବରଗଡ଼, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଆଦି ଜିଲ୍ଲାରେ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୯ ତାରିଖରୁ ୧୦ ତାରିଖ ସକାଳ ପର୍ଯ୍ୟନ୍ତ ନବରଙ୍ଗପୁର , ନୂଆପଡା ଓ ସୁନ୍ଦରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ବରଗଡ, ଝାରସୁଗୁଡା, ସୁନ୍ଦରଗଡ,କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ଅନୁରାଗ ଠାକୁର

ନୂଆଦିଲ୍ଲୀ, ୮।୭(ପି.ଏନ): ଅନୁରାଗ ଠାକୁର ଆଜି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ଉଦବୋଧନ ଦେଇ ମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଗତ ୭ ବର୍ଷ ମଧରେ ଦେଶକୁ ବିକାଶ ପଥରେ ଆଗେଇ ନେବା ପାଇଁ ଜୋରଦାର ଉଦ୍ୟମ କରିଛନ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ ଏହିମିଶନକୁ ଆହୁରି ଆଗକୁ ନେବା ହେଉଛି ତାଙ୍କର ଦାୟିତ୍ୱ । ଶ୍ରୀ ଠାକୁର କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତାଙ୍କ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱଗୁଡ଼ିକୁ ସୂଚାରୁ ରୂପେ ନିର୍ବାହ ପାଇଁ ସେ ସମସ୍ତ ପ୍ରଚେଷ୍ଟା କରିବେ ଏବଂ ଏହି ପରିପ୍ରେକ୍ଷୀରେ ସେ ଗଣମାଧ୍ୟମର ସହଯୋଗ ମଧ କାମନା କରିଥିଲେ ।

# 'ନୂଆ ଶିକ୍ଷା ନୀତି'ରେ ନୂଆ ପିଢି ପାଇଁ ନୂତନ ମାର୍ଗ ପ୍ରସ୍ତୁତ ହେବ :ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୭(ପି.ଏନ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ନୂଆ ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ବୈଷୟିକ ଅନୁଷ୍ଠାନ ଆଇଆଇଏସସି ବାଙ୍ଗାଲୋର, ଆଇଆଇଟି ବମ୍ବେ, ଆଇଆଇଟି ମାଡ୍ରାସ, ଆଇଆଇଟି କାନପୁରର ନିର୍ଦ୍ଦେଶକ ମାନଙ୍କ ସହ ସାକ୍ଷାତକାର କାର୍ଯ୍ୟକ୍ରମରେ ଯୋଗ ଦେଇ ନୂଆ ଜାତୀୟ ଶିକ୍ଷା ନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି ।ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଶିକ୍ଷାର୍ଥୀ ମାନଙ୍କର ଆବଶ୍ୟକତା ଅନୁଯାୟୀ ଶିକ୍ଷାର ସୁଯୋଗ ପ୍ରଦାନ କରିବାରେ ସକ୍ଷମ ହେଉଥିବା ଶିକ୍ଷା ମଡେଲ୍ ଗୁଡ଼ିକୁ ଆଗେଇ ନେବାର ଆବଶ୍ୟକତା ରହିଛି । ଶିକ୍ଷାର ଉପଲବ୍ଧି, ସୁଲଭ ମୂଲ୍ୟରେ ଶିକ୍ଷା, ଶିକ୍ଷାରେ ସମାନତା ତଥା ଗୁଣାତ୍ମକ ଶିକ୍ଷା ଯୋଗାଇବା ଭଳି ଶିକ୍ଷା ମଡେଲ ଗୁଡିକର ମୂଳ ମୂଲ୍ୟ ହେବା ଉଚିତ୍ । କୋଭିଡ୍-୧୯ର ଆହ୍ୱାନ ଗୁଡିକୁ ପୂରଣ କରିବା ଦିଗରେ ଆଇଆଇଏସସି ବାଙ୍ଗାଲୋର, ଆଇଆଇଟି ବମ୍ବେ, ଆଇଆଇଟି ମାଡ୍ରାସ, ଆଇଆଇଟି କାନପୁରର ବୈଷୟିକ ଅନୁଷ୍ଠାନ ଗୁଡିକ ଦ୍ୱାରା ହୋଇଥିବା ଗବେଷଣା ଏବଂ ବିକାଶ(ଆର୍ ଏବଂ ଡି) କାର୍ଯ୍ୟ ପ୍ରଶଂସନୀୟ। ଏହାସହ ବୈଷୟିକ ସମାଧାନ ଦିଗରେ ଯୁବ ଇନୋଭେଟରଙ୍କ ଉଦ୍ୟମକୁ ମଧ ପ୍ରଧାନମନ୍ତ୍ରୀ ପ୍ରଂଶସା କରିଛନ୍ତି । ଏହି ଆଲୋଚନାରେ ସାମିଲ ହୋଇ ନୂଆ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ଦାୟିତ୍ୱ ନେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଉପରେ ଆସ୍ଥାପ୍ରକଟ କରି ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ଉପରେ କାର୍ଯ୍ୟ କରିବା ତଥା ଗବେଷଣା ଏବଂ ନୂତନତ୍ୱକୁ ଉତ୍ସାହିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ଅତ୍ୟନ୍ତ ଗୋରବର ବିଷୟ। ଦେଶରେ ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନୂଆ ଶିକ୍ଷା ନୀତି ଦେଶରେ ଉପସ୍ଥାପନ କରାଯାଇଛି। ନୂଆ ଶିକ୍ଷା ନୀତି କେବଳ ଦେଶରେ ନୁହେଁ ବିଶ୍ୱରେ ମଧ ସ୍ୱୀକୃତି ମିଳିଛି। ଏହି ନୂଆ ଶିକ୍ଷା ନୀତିରେ ନୂଆ ପିଢି ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରାଯିବ । ଏହି ନୂତନତ୍ୱର ସୁବର୍ଣ୍ଣ ସମୟରେ ନୂଆ ଅନ୍ୱେଷଣ, ନୂଆ ପିଢ଼ିକୁ ନୂଆ ମାର୍ଗ ଦେଖାଇବା ଦେବା ପାଇଁ ଆମର ନୂଆ ଶିକ୍ଷା ନୀତି ଦେଶର ଆବଶ୍ୟକତା ପୂରଣ ସହ ବିଶ୍ୱର ସମାଧାନର ସୂତ୍ର ମଧ ବାହାର କରିବ। ଶିକ୍ଷା କ୍ଷେତ୍ରରେ ଭାରତର



ବୈଜ୍ଞାନିକ, ଇନୋଭେଟର, ଗବେଷକଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଯେଉଁ ଅପେକ୍ଷା ରହିଛି ତାହାକୁ ମଧ ନୂଆ ଜାତୀୟ ଶିକ୍ଷା ନୀତି ପୂରଣ କରିବ ଏବଂ ଆଜିର ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ୍କାର କାର୍ଯ୍ୟକ୍ରମ ଦେଶର ନୂଆ ପିଢ଼ିକୁ ଗବେଷଣା, ବିକାଶ, ନବଉନ୍ମେଷକୁ ପୁନଃ ନୂଆ ଦିଶା ଦେଖାଇବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଭାରତ ସରକାରଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନଗୁଡିକର ଦୃଢ ସହଯୋଗରେ ଆମେ ଶିକ୍ଷା ସହ ରୋଜଗାରକୁ ବଢ଼ାଇବାରେ ନୂଆ ବେଂଚମାର୍କ ସ୍ଥାପନ କରିବୁ ଏବଂ ଏହାକୁ ବିଶ୍ୱମାନର କରିବା ପାଇଁ ନୂତନ ମାନଦଣ୍ଡ ସ୍ଥିର କରିବା ପାଇଁ ଉଦ୍ୟମ କରିବୁ। ଲମ୍ବା ସମୟ ଧରି ଉଚ୍ଚ ଶିକ୍ଷା କ୍ଷେତ୍ରକୁ ସାମାଜିକ ପୁଞ୍ଜିନିବେଶ ଭାବେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଶିକ୍ଷାର ଉପଲବ୍ଧି, ସମାନତା, ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହନ ଦିଆଗଲେ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧି, ସାଂସ୍କୃତିକ ବିକାଶ, ସାମାଜିକ ଏକତା, ନ୍ୟାୟ ଏବଂ ଉତ୍କର୍ଷକୁ ବଢ଼ାଇବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ମନ୍ତ୍ରିମଣ୍ଡଳ ଅଦଳବଦଳର ପ୍ରଥମ ଦିନରୁ ଶିକ୍ଷା ବିଭାଗକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ଦିଆଯାଇଥିବା ବେଳେ ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ବୈଷୟିକ ଶିକ୍ଷାନୁଷ୍ଠାନ ଦ୍ୱାରା ନିଆଯାଇଥିବା ଗବେଷଣା ଏବଂ ବିକାଶ ପଦକ୍ଷେପ ସମ୍ପର୍କୀତ ଏକ 'ଇ-ପୁସ୍ତକ' ଉନ୍ମୋଚନ କରିଥିଲେ। ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆଇଆଇଏସସି ବାଙ୍ଗାଲୋର ନିର୍ଦ୍ଦେଶକ ପ୍ରଫେସର ଗୋଭିନ୍ଦନ ରଙ୍ଗରାଜନ, ଆଇଆଇଟି ବମ୍ବେର ନିର୍ଦ୍ଦେଶକ ପ୍ରଫେସର ସୁଭାସିସ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭାସ୍କର ରାମାମୂର୍ତ୍ତୀ, ଆଇଆଇଟି କାନପୁରର ନିର୍ଦ୍ଦେଶକ ପ୍ରଫେସର ଅଭୟ କରନ୍ଦିକର ପ୍ରମୁଖ ଏକ ପ୍ରେଜେନଟେସନ ଉପସ୍ଥାପନ କରିଥିଲେ । ଏହାସହ ୧୦୦ ଅନୁଷ୍ଠାନର ମୁଖ୍ୟ ମଧ୍ୟ ଏହି ସାକ୍ଷାତ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada





# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଜୁଲାଇ ୦୯**

# ଜଙ୍ଗଲ ସୁରକ୍ଷା - ଜୀବନ ରକ୍ଷା

ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ,ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମନ୍ତ ର କାକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ଚୂତ ,ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ରୁଦ୍ଧି ମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ଭେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୂବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଟ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କ ର ଉଚ୍ଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା



ଅକ୍ଷୟ କୁମାର ରାଉତ

ପାରାଦ୍ୱୀପ ଗଡ଼ ,
କୁଜଙ୍ଗ,ଜଗତସିଂହପୁର,
ମୋ-୯୯୩୭୬୯୧୪୭୫

*ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଜୁଲାଇ ୧୦: ମତ୍ସ୍ୟ ବିଜ୍ଞାନ ପାଇଁ ଏକ ସ୍ମରଣୀୟ ଦିନ

ପୁରାଣରେ ବର୍ଣ୍ଣିତ, ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ନେଇଥିଲେ । ମାନ୍ୟତା ରହିଛି ଯେ, ଏହି ଅବତାରରେ ବିଷ୍ଣୁ ମହାପ୍ରଳୟ ସମୟରେ ବେଦ ଗ୍ରନ୍ଥକୁ ଉଦ୍ଧାର କରି ନୂତନ ସୃଷ୍ଟିର ନିର୍ମାଣ କରିଥିଲେ । ତେଣୁ ପୁରାଣରୁ ମଧ୍ୟ ସୂଚନା ମିଳେ ମତ୍ସ୍ୟ ସମ୍ପଦର ଅବଦାନ ରହିଛି । ଅର୍ଥନୈତିକ ଅଭିବୃଦ୍ଧି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପାଇଁ ମତ୍ସ୍ୟ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଆମ ପାଇଁ ମାଛର ମହତ୍ୱ ଅତି ମୂଲ୍ୟବାନ । ଏହି ମତ୍ସ୍ୟ ସଂପଦକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ଆମର ପୂଜ୍ୟ ଚାଷୀମାନେ ପ୍ରୟାସ ଜାରି ରଖିଛନ୍ତି । ମାଛରେ ଥିବା ପୁଷ୍ଟିସାରର ଗୁରୁତ୍ୱକୁ ଉପଲବ୍ଧ କରି, ତତ୍କାଳୀନ କୃଷି ମନ୍ତ୍ରଣାଳୟ, ୧୯୪୭ ମସିହାରେ କେନ୍ଦ୍ରୀୟ ଅନ୍ତଃସ୍ଥଳୀୟ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥା କଲିକତାର ବାରାକପୁର ଠାରେ ପ୍ରତିଷ୍ଠା କରିଥିଲେ । ୧୯୪୯ ମସିହାରେ କଟକ ଠାରେ ଏହି ସଂସ୍ଥାର ଏକ ପୋଖରୀ ଚାଷ ବିଭାଗ ଖୋଲିଥିଲା । ଏଠାରେ ବିଭାଗର ଅଧକ୍ଷ ଡ. କେ.ଏଚ. ଆଲିକୁନି ଓ ଡ. ହିରାଲାଲ ଚୌଧୁରୀଙ୍କ ପ୍ରଚେଷ୍ଟା ଫଳରେ ମତ୍ସ୍ୟ ପ୍ରଜାତିର କ୍ରିପ୍ରବର୍ତିତ ପ୍ରଜନନ ପଦ୍ଧତିନ୍ତି ଆବଦ୍ଧ କ୍ଷେତ୍ରରେ ଗୁଣ୍ଡ ଯାଆଁଳ ପ୍ରସ୍ତୁତିରେ ସଫଳତା ଆଣି ଦେଇଥିଲା । ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଓଡିଶାର ଅନୁଗୁଳ ଠାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମତ୍ସ୍ୟ ବିଜ୍ଞାନୀ ପ୍ରଫେସର ହିରାଲାଲ ଚୌଧୁରୀଙ୍କ ଗବେଷଣାର ଫଳସ୍ୱରୂପ ଓ ଡ. କେ.ଏଚ. ଆଲିକୁନିଙ୍କ ସହଯୋଗରେ ପ୍ରଥମ ଥର ପାଇଁ ଆବଦ୍ଧ ପୋଖରୀରେ କ୍ରିପ୍ରବର୍ତିତ ପ୍ରଜନନ ପଦ୍ଧତିନ୍ତିର ଶୁଭାରମ୍ଭ ହୋଇଥିଲା । ଏହି ଦିନରେ ହିଁ ଓଡିଶାର ଅନୁଗୁଳରୁ ଆରମ୍ଭ ହୋଇଥିଲା ମତ୍ସ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ । ଏହି ସଫଳତାକୁ ମତ୍ସ୍ୟ ଚାଷୀମାନଙ୍କ ଉଦ୍ଦେଶ୍ୟରେ, ଭାରତ ସରକାର ୨୦୦୧ ମସିହାରୁ ୧୦ ଜୁଲାଇକୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ ରୂପେ ପାଳନ କରିଆସୁଛନ୍ତି । ତେଣୁ ଏହି ଦିନରେ ପ୍ରଫେସର ଚୌଧୁରୀଙ୍କ ସଫଳତାକୁ ମନେପକାଇବା ଓ ମତ୍ସ୍ୟ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ଦେଶବ୍ୟାପି ମହାସମାରୋହରେ ମତ୍ସ୍ୟ ଚାଷୀ ଦିବସ ପାଳନ କରାଯାଏ । ରାଜ୍ୟର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଉଛି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ପ୍ରାଥମିକ ସମବାୟ ସମିତି ଗୁଡିକୁ ସୁଦୃଢ କରାଯାଉଛି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଉନ୍ନତ ପଦ୍ଧତିରେ ମାଛ ଚାଷ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଓ ତାଲିମ ଦିଆଯାଉଛି । ରାଜ୍ୟରେ ମତ୍ସ୍ୟ ଓ ଜଳକୃଷି କ୍ଷେତ୍ରରେ ୨୦୧୯-୨୦ ଆର୍ଥିକ ବର୍ଷରେ ୧୮.୯୮% ଅଭିବୃଦ୍ଧି ସହିତ ୮.୧୬ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ ଏକ ଉଲ୍ଲେଖନୀୟ ସଫଳତା । ଏଥି ସହିତ ବିଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ହାରାହାରି ବାର୍ଷିକ ମାଛ ଉତ୍ପାଦନ ୧୪%ରୁ ଅଧିକ ବୃଦ୍ଧି ଯାହାକି କୃଷି ଓ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଅତି ଉତମ ଅଟେ । ସାମୁଦ୍ରିକ ଦ୍ରବ୍ୟ ରପ୍ତାନିର ମୂଲ୍ୟ ୨୦୧୯-୨୦ରେ ୩୨୪୩ କୋଟି ଟଙ୍କା ହୋଇଛି । ଭାରତ ସରକାରଙ୍କ ମତ୍ସ୍ୟ, ପଶୁସମ୍ପଦ ଓ ଗୋପାଳନ ବିଭାଗ ପକ୍ଷରୁ ୨୦୧୯-୨୦ ବର୍ଷ ପାଇଁ ଓଡିଶାକୁ ଦୁଇଟି ସମ୍ମାନଜନକ ମତ୍ସ୍ୟ ସମ୍ପଦ ପୁରସ୍କାରରେ ସମ୍ମାନୀତ କରାଯାଇଛି । ଓଡିଶାକୁ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର ମିଳିଥିବା ବେଳେ ମତ୍ସ୍ୟ ଉତ୍ପାଦନ, ମତ୍ସ୍ୟ ଚାଷର ଭିତିଭୂମି ବିକାଶ ପାଇଁ କଳାହାଣ୍ଡି ଜିଲ୍ଲାକୁ ଆଭ୍ୟନ୍ତିରୀଣ ମତ୍ସ୍ୟ ଜିଲ୍ଲା ଭାବେ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର ମିଳିଛି । ଆମ ରାଜ୍ୟ ଓଡିଶା ବିପୁଳ ମତ୍ସ୍ୟ ସମ୍ପଦରେ ପରିପୂର୍ଣ୍ଣ । ରାଜ୍ୟରେ ୧୫ ଲକ୍ଷ ଲୋକ ମତ୍ସ୍ୟ କ୍ଷେତ୍ର ସହିତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଜଡିତ ଅଛନ୍ତି । ଏଥିରେ ୭ ଲକ୍ଷ ମଧୁର ଜଳ ଚାଷୀ, ୬.୫ ଲକ୍ଷ ସାମୁଦ୍ରିକ ମତ୍ସ୍ୟ ଧରାଳି ଓ ୧.୫ ଲକ୍ଷ ଚିଲିକା ହ୍ରଦ ଉପରେ ନିର୍ଭର କରନ୍ତି । ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ରିପୋର୍ଟ ଅନୁଯାୟୀ ଓଡିଶାରେ ମତ୍ସ୍ୟ ସମ୍ପଦ କୃଷି କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଚାଷୀଙ୍କ ଆୟର ଅଂଶଧନ ୧.୫% ରୁ ୨୬% କୁ ବୃଦ୍ଧି ପାଇଛି । ମାଛ ଏକ ସୁଷମ, ପୁଷ୍ଟିକର, ସହଜ ଉପଲବ୍ଧ ଓ ସ୍ୱାଦଯୁକ୍ତ ହୋଇଥିବାରୁ ଓଡିଶାରେ ମୁଣ୍ଡ ପିଛା ମାଛ ଆହରଣ ୧୬.୨୪ କେଜି କୁ ବୃଦ୍ଧି ପାଇଲାଣି । ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ ତେଣୁ ମାଛର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି । ମତ୍ସ୍ୟ ଚାହିଦା ପୂରଣ କରିବାରେ ପ୍ରଗତିଶୀଳ ଚାଷୀଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ତନ୍ମଧ୍ୟରୁ ଏକ ସଫଳ ମତ୍ସ୍ୟ ଚାଷୀ ହେଲେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକର ସାରକଣା ଗାଁର ବାସିନ୍ଦା ପଦ୍ମଶ୍ରୀ ବଟକୃଷ୍ଣ ସାହୁ । ମାଛ ଚାଷ କରିବା ସହ ଅନ୍ୟମାନଙ୍କ ପାଇଁ ଏହି କ୍ଷେତ୍ରରେ ଦିଗଦର୍ଶକ ମଧ୍ୟ ହୋଇଛନ୍ତି । ଓଡିଶାରେ ମାଛଚାଷ କ୍ଷେତ୍ରରେ ସେ ସୃଷ୍ଟି କରିଛନ୍ତି ବ୍ୟାପକ ସୁଯୋଗ । ନୂତନ ପ୍ରଣାଳୀ ସହ ଉନ୍ନତ କାର୍ଯ୍ୟକାରିତା ଶୈଳୀରେ ଚାଷ କରି ସେ ସମସ୍ତଙ୍କର ଆଦର୍ଶ । ମତ୍ସ୍ୟ ସମ୍ପଦର ବିକାଶ ନିମନ୍ତେ ନିଜର ଅବଦାନ ଯୋଗୁ ୨୦୨୦ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ହୋଇ ଓଡିଶା ପାଇଁ ଗୌରବ ଆଣିଛନ୍ତି । ପଦ୍ମଶ୍ରୀ ଉପାଧିରେ ଭୂଷିତ ଏହି ସଫଳ ମାଛଚାଷୀ ବର୍ତମାନର ଯୁବ ଉଦ୍ୟୋଗୀଙ୍କ ପାଇଁ ନିଶ୍ଚିତ ଭାବରେ ଏକ ସଫଳ ଉଦାହରଣ । ସେହିପରି ଓଡିଶାରେ ମତ୍ସ୍ୟ କ୍ଷେତ୍ରରେ ପ୍ରମୁଖ ସଫଳତା ପାଇଥିବା ମତ୍ସ୍ୟଚାଷୀମାନଙ୍କୁ ଓଡିଶା ସରକାରଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ କଟକ ଜିଲ୍ଲା ଟାଙ୍ଗି ଅଚଂଳର ଶ୍ରୀମତୀ କୌଶଲ୍ୟା ବେହେରା, କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଅଚଂଳର ଶ୍ରୀମତୀ ଜୟନ୍ତିଲତା ରାଉତ ଓ ବାଲେଶ୍ୱର ଜିଲ୍ଲା ରେମୁଣା ଅଚଂଳର ଶ୍ରୀମତୀ ରାଧାରଣୀ ସାନ୍ତିରା । ମତ୍ସ୍ୟ ଉତ୍ପାଦନରେ ଚାଷୀମାନଙ୍କର ଅବଦାନ ମହାନ । ମତ୍ସ୍ୟ ଚାଷୀମାନଙ୍କର ବିକାଶ ହେଲେ ଆଗାମୀ ପିଢି ମତ୍ସ୍ୟ ଚାଷକୁ ଏକ ସମ୍ମାନଜନକ ବେଉଷା ଭାବରେ ଗ୍ରହଣ କରିବେ ।



ଡ. ଗଣେଶ ଚନ୍ଦ୍ର କୁଣ୍ଡ

**ସବୁଠୁ ଲାଭ ମାଛ ଚାଷ ଉନ୍ନତ ପ୍ରଣାଳୀରେ କରିବା ଆସ ।**



ଶୁଚିସ୍ମିତା ପୃଷ୍ଟି

ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ
(ଓ.ୟୁ.ଏ.ଟି), ବ୍ରହ୍ମପୁର
ମୋ- ୯୯୩୮୦୬୦୮୮୬

# ଶିକ୍ଷା ନୀତିରେ ପରିବର୍ତ୍ତନ ଉନ୍ନତିର ପରିପନ୍ଥୀ ନୁହେଁ : ଗୁଣାତ୍ମକ ଶିକ୍ଷାରେ ରାଷ୍ଟ୍ରର ପ୍ରଗତି

ଶିକ୍ଷା ବିଭାଗର ପରିଚାଳନା ବ୍ୟବସ୍ଥା କିମ୍ବା ଶିକ୍ଷା ପାଠ୍ୟକ୍ରମରେ ସମୟୋପୋଯୋଗୀ ପରିବର୍ତ୍ତନରେ ଶିକ୍ଷାର୍ଥୀଙ୍କ ଉନ୍ନତ୍ତି ହେବା ସମ୍ଭାବନା ଖୁବ୍ କମ୍ । ଯେଉଁ ଶିକ୍ଷା ଦିଆଯିବ ତାହାର ଗୁଣାତ୍ମକ ମାନ ଉପରେ ପ୍ରାଧାନ୍ୟତା ଦିଆନଗଲେ କେବଳ ବ୍ୟବସ୍ଥାର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ଛଡା ରାଷ୍ଟ୍ରର ପ୍ରଗତି ଅସମ୍ଭବ । ଆମ ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏତେ ବେତାଳତା ପରିଲକ୍ଷିତ ହୁଏଯେ ଶିକ୍ଷାର୍ଥୀଙ୍କ ଶୈକ୍ଷିକତାରେ କୌଣସି ସାମସ୍ୟତା ଅନ୍ତର କରିବା ଅସମ୍ଭବ । ବିଭିନ୍ନ ପ୍ରକାର ଶିକ୍ଷା ବ୍ୟବସ୍ଥା ମଧ୍ୟରେ କେଉଁ ଶିକ୍ଷାର ମାନ କେତେ ନିରୂପଣ କରିବା କଷ୍ଟକର । ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଚଳିତ ଆଇନ ଏବଂ ସେହି ଆଇନରେ ଉପସ୍ଥିତ କ୍ଷମତାଧାରୀ ମାନଙ୍କ ଅବଶ୍ୟକ / ବିଚାରଧାରାକୁ ନେଇ ସମୟୋପୋଯୋଗୀ ପରିବର୍ତ୍ତନ କରିପାରିବା କ୍ଷମତା ମାଧ୍ୟମରେ କେଉଁ ପ୍ରକାର ଶିକ୍ଷାକୁ କେତେ ପ୍ରାଧାନ୍ୟତା ଦିଆଯିବ ନିର୍ଦ୍ଧାରଣ କରାଯାଇଥାଏ ଯାହାର ବାସ୍ତବତା ଗଣେଶ, ସରସ୍ୱତୀ କି ବ୍ରହ୍ମା ମଧ୍ୟ ବୁଝି ପାରିବେ ନାହିଁ ! ଆଉ ଆମେତ ସାଧାରଣ ମଣିଷ ମାତ୍ର । ସ୍ଥଳ ବିଶେଷକୁ ନେଇ ଯାହାର ଯାହା ଆବଶ୍ୟକ ତଦନୁଯାୟୀ ଶିକ୍ଷାନୀତି ପ୍ରଣୟନ କରାଯାଇ ପୁଣି କେତେକ କ୍ଷମତାଧାରୀ ମଣିଷଙ୍କ ଜରିଆରେ ବିଭିନ୍ନ ଅନୁମତି / ଅନୁମୋଦନ ପ୍ରଦାନ ପୂର୍ବକ କୌଣସି ଗୋଟିଏ ଧାରାର ଶିକ୍ଷା ଉପରେ ଏତେ ଭିନ୍ନତା ପରିଲକ୍ଷିତ ହେଉଛି ଆମ ଶିକ୍ଷା ବ୍ୟବସ୍ଥାରେ ଯେ ସେଗୁଡିକୁ ସହଜରେ ବୁଝିହେବ ନାହିଁ । କହିବାକୁ ଗଲେ ଏକ ପ୍ରକାର ବ୍ୟବସାୟିକ ପଦ୍ଧତିରେ ଶିକ୍ଷା ବ୍ୟବସ୍ଥା ଚାଲୁଛି ଆମ ଦେଶରେ ଯାହା କେବଳ ବ୍ୟବସ୍ଥାର ନିୟମକୁ ପୁରା କରୁଥିଲେ ମଧ୍ୟ ଶିକ୍ଷାର ମାନ ଉପରେ କୌଣସି ପ୍ରାଧାନ୍ୟତା ରଖିନଥାଏ । ତେଣୁ ଶିକ୍ଷାନୁଷ୍ଠାନ / ଶିକ୍ଷାର୍ଥୀ ମଧ୍ୟ ସେହି ବ୍ୟବସ୍ଥାର ନିୟାମକ ମଧ୍ୟରେ ପରିଚାଳିତ ହୋଇ ସୁବିଧା, ସୁଯୋଗ ଦେଖି ମନମୁତାବକ କାର୍ଯ୍ୟ ହାସଲ କରିବା ଦିଗରେ କୃତକାର୍ଯ୍ୟ ହୋଇଥା'ନ୍ତି କିଛି ଅସାଧୁ କର୍ମଚାରୀ / ଅଧିକାରୀଙ୍କ ସ୍ୱାର୍ଥକୁ ପୁରା କରି ଯାହା ଆମେ ସମସ୍ତେ ଜାଣୁ !ଶିକ୍ଷାର୍ଥୀ ମାନଙ୍କ ପ୍ରାଧାନ୍ୟତା ରହିଥାଏ ଭଲ ନମ୍ବର ରଖି ପ୍ରମାଣପତ୍ର ଟିଏ ପାଇଗଲେ ସେହି ପ୍ରମାଣପତ୍ରକୁ ବିନିଯୋଗ କରି କୌଣସି ସ୍ଥାନରେ ନିୟୋଜିତ ହୋଇ ଉଚ୍ଚା ଦରମା ସାଙ୍ଗକୁ କିଛି ଅନୈତିକ ଅର୍ଥ ଆଦାୟ କରିପାରିଲେ ଜୀବନ ସାର୍ଥକ ହେବ । ପ୍ରେତ୍ୟେକ ବାପା ମା' ମଧ୍ୟ ଅନୁରୂପ ଚେତନାରେ ଅଭିଷିକ୍ତ ଆମ ଦେଶର ଏହା ଏକ ସାଧାରଣ ଚରିତ୍ରରେ ପରିଣତ । ଶିକ୍ଷାର ପ୍ରକୃତ ମୂଲ୍ୟ କେହି ବୁଝନ୍ତି ନାହିଁ କି ବୁଝିବା ଆବଶ୍ୟକତା ରହୁନଥିବା ଏକ ଦୁଃଖଦ ପରିସ୍ଥିତି ଆଜିର ଏହି ସ୍ୱାର୍ଥନ୍ୱେଷୀ ସମାଜରେ । ସମସ୍ତେ କେବଳ କୌଣସିମତେ ପ୍ରମାଣପତ୍ର ଯୋଗାଡ଼ କରିବାରେ ବ୍ୟସ୍ତ ଯେଉଁମାନେ ପରବର୍ତ୍ତୀ ସମୟରେ ନିଜେ ଅର୍ଜନ କରିଥିବା ଶିକ୍ଷାରହିଁ ମୂଲ୍ୟବୋଧତା ପ୍ରମାଣିତ କରିବାରେ ଅକ୍ଷମ ଥାଇ ଯାକୁ, ତାକୁ ପଚାରି ବୁଝି ଏକ ଉଚ୍ଚ ସ୍ଥାନରେ ଅଧିକାରୀ ଭାବେ ନିୟୋଜିତ ହୋଇ କାର୍ଯ୍ୟ ଭାର ତୁଲାଉଛନ୍ତି ପ୍ରାୟତଃ ସମସ୍ତ କ୍ଷେତ୍ରରେ ଯାହା କହିବା ଆବଶ୍ୟକ ନାହିଁ, ବରଂ ନିଜକୁ ନିଜେ ପଚାରି ବୁଝି ସେମାନେ ସଠିକ ଆକଳନ କରିପାରୁଥିବେ କଥାଟିର ସତ୍ୟତା କେତେ । ଏହିଭଳି ପ୍ରାୟତଃ ସବୁ ସ୍ଥାନରେ ନିୟୋଜିତ ଆମ ଦେଶର ପ୍ରାୟ ସମସ୍ତ କର୍ମଚାରୀଙ୍କୁ ପୁନଃ ପରକ୍ଷା କରି ଦେଖିଲେ ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ବିଫଳ ହେବେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବା ପାଇଁ ଯେଉଁକାର୍ଯ୍ୟ ପାଇଁ ସେମାନେ ନିୟୋଜିତ । ତଥାପି ଆମ ଦେଶ ଚାଲିଛି, ଆଗକୁ ଚାଲିବ ମଧ୍ୟ । କିନ୍ତୁ ପ୍ରଗତିର ପଥ ପ୍ରତିକୂଳରେ ଯାହା ଆମେ ବର୍ତ୍ତମାନ ଦେଖୁଛେ, ଅନୁଭବ କରୁଅଛେ । ପ୍ରକୃତ ଗୁଣାତ୍ମକ ଶିକ୍ଷା ମଣିଷକୁ ପାରିପାର୍ଶ୍ୱିକ ଅବସ୍ଥିତି ତଥା ଆବଶ୍ୟକ ମୁତାବକ ସାମାଜିକ ବ୍ୟବସ୍ଥା ଉପରେ ଜ୍ଞାନ ପ୍ରଦାନ ପୂର୍ବକ ମାନବୀୟ ଚାରିତ୍ରିକ ବିଚାରଧାରା ଏବଂ ସାମାଜିକ ବ୍ୟବସ୍ଥାର ରୁପରଖ ବିଷୟରେ ଅବଗତ କରାଇଥାଏ । ସେହି ସାମାଜିକ ଜ୍ଞାନ ପାଇବା ପରେ ଶିକ୍ଷାର୍ଥୀ ପୁନଃ ନିଜର ଗବେଷଣାତ୍ମକ କ୍ଷମତା ବୃଦ୍ଧି କରି ନୂତନ ଅଶାର କିରଣ ଦିଗକୁ ନିଜକୁ ପରିଚାଳିତ କରି ଅନେକ ନୂତନ ଉଦ୍ଭାବନ / ଆବିଷ୍କାର କରି ସମାଜକୁ ଅଧିକ କିଛି ପ୍ରଦାନ କରିବା ଲକ୍ଷ ରଖା ଯାଇଥାଏ ! ସେମିତି ବିଚାରଧାରାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରକୁ ନୂତନ ଆଲୋକ ପ୍ରଦାନ କରି ରାଷ୍ଟ୍ରର ବିକାଶ କରିପାରିବ ଯାହା ଆମ ସମାଜରେ ତାହାର ବିପରୀତେ କାର୍ଯ୍ୟ ଚାଲୁଥିବା କାହାକୁ ଅଗୋଚର ନୁହେଁ । ତେଣୁ ଆମେ ଆଜି ପର୍ଯ୍ୟନ୍ତ କୌଣସି ଗବେଷଣାତ୍ମକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇନଥିବା ସ୍ୱୀକାର୍ଯ୍ୟ । ଆମ ଦେଶର ଶିକ୍ଷାର୍ଥୀ କେବଳ ପ୍ରମାଣପତ୍ର ପାଇ ଉତ୍ତମ ଚାକିରିଟିଏ କରିବା ଲକ୍ଷ ରଖିଥିବା ଛଡା, ଶିକ୍ଷାର ପ୍ରକୃତ ସଦୁପଯୋଗ କରିବା ଜାଣନ୍ତି ନାହିଁ କି ସେମାନେ ଜାଣିବାର କିଛି ସୁଯୋଗ ନଥିବା ଏକ ବ୍ୟାପକ ଦୁଃଖଦ ପରିସ୍ଥିତି !ଶିକ୍ଷାନୀତିରେ ପରିବର୍ତ୍ତନ କରାଯିବା ଲକ୍ଷ ପ୍ରଥମେ କେବଳ ଗୁଣାତ୍ମକ ମାନର ଶିକ୍ଷା ଉପରେ ଆଧାରିତ ହୋଇ ପରବର୍ତ୍ତୀ ଲକ୍ଷ ଅନୁଶାସନ ସୁଧାର ଉପରେ ନହେଲେ ଆଗକୁ କେବଳ ମିଥ୍ୟା ପ୍ରତିଭାଧାରୀ ଯୋଗାଡ଼ିଆ ପ୍ରମାଣପତ୍ର ପ୍ରାପ୍ତ ଶିକ୍ଷିତଙ୍କୁ ନେଇ ଦେଶର ପ୍ରଗତି ହେବକି ଦୁର୍ଗତି ବିଚାର କରନ୍ତୁ ସୁଜନେ । ଗୋଟିଏ ସଭ୍ୟ ସମାଜର ମୂଳ ଆଧାର ଶିକ୍ଷା ଉପରେ ଯଥେଷ୍ଟ ପ୍ରାଧାନ୍ୟତା ଦେଇ ସର୍ବସାଧାରଣ ତାହାରି ଉପରେ ପ୍ରସ୍ତାବ ଦେଇ ସରକାରଙ୍କୁ ଅବଗତ କରାଇବା ଏକାନ୍ତ ଆବଶ୍ୟକ । ନହେଲେ ବ୍ୟବସ୍ଥାରେ ଉପଲବ୍ଧ ସୁଯୋଗକୁ ନେଇ ନିଜ ବଂଶଜ ମାନଙ୍କୁ ମିଥ୍ୟା ପ୍ରମାଣପତ୍ର ଯୋଗାଡ଼ କରି ଉଚ୍ଚସ୍ଥାନିତ କରାଇବା ଲକ୍ଷ ରଖି ଚାଲିଲେ ଆସନ୍ତା ଭବିଷ୍ୟତରେ ମେହେଙ୍କାଳ ଫଳ ସଦୃଶ୍ୟ ମଣିଷ ଗୁଡିଏ ଜାତ ହୋଇ ଦେଶକୁ ନିମ୍ନଗାମୀ କରିବା ଛଡା କୌଣସି ଉନ୍ନତ୍ତି, ପ୍ରଗତିର ଧାରା ଅସମ୍ଭବ ହୋଇପଡିବ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା !



ପଙ୍କଜ କୁମାର ପାଣିଗ୍ରାହୀ

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ ।
ଦୂରଭାଷ.: ୯୪୩୭୩୨୪୯୧୭.

# ସିନ୍ଧିଆଙ୍କ ପରେ ପ୍ରସାଦ

ଏହା ସତ୍ୟ ଯେ, ଦୁର୍ବଳ ନେତୃତ୍ୱ କାରଣରୁ ହେଉ କିମ୍ବା ଦଳ ଭିତରେ ଅଣନିଶ୍ୱାସ ହୋଇ ୨୦୧୪ ସାଧାରଣ ନିର୍ବାଚନରେ ବିପର୍ଯ୍ୟାୟ ପରଠାରୁ କଂଗ୍ରେସରେ ଦଳ ତ୍ୟାଗର ସୁଅ ଛୁଟିଛି । ଆସାମର ବର୍ତମାନର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଠାରୁ ଆରମ୍ଭ କରି ମଧ୍ୟପ୍ରଦେଶର ଟାଣୁଆ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ପର୍ଯ୍ୟନ୍ତ ଏବଂ ନିକଟରେ ଉତରପ୍ରଦେଶରେ ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାହୁଳ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଜିତିନ ପ୍ରସାଦ ଶେଷରେ କଂଗ୍ରେସ ତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି । କେନ୍ଦ୍ରରେ କ୍ଷମତାସୀନ ବିଜେପି କଂଗ୍ରେସ ମୁକ୍ତ ଭାରତ ପାଇଁ ଆହ୍ୱାନ ଦେଇଥିବା ବେଳେ ୨୦୧୪ ପରଠାରୁ ସାଧାରଣ ଓ ବିଧାନସଭା ନିର୍ବାଚନରେ ଦଳର କ୍ରମାଗତ ଶୋଚନୀୟ ପରାଜୟ ଏବଂ କନିଷ୍ଠଙ୍କ ଠାରୁ ଆରମ୍ଭ କରି ତୁଙ୍ଗ ନେତାମାନଙ୍କ ଦଳବଦଳ ଦଳର ସାଂଗଠନିକ ସ୍ଥିତିକୁ ଦୁର୍ବଳ କରିଦେଇଛି, ଏଥିରେ ସନ୍ଦେହ ନାହିଁ । ବୁଡି ଯାଉଥିବା ନୌକାରୁ ମୂଷାଙ୍କ ଡିଆଁମରା ପରି ଏବେ କଂଗ୍ରେସର ଅବସ୍ଥା ହୋଇଛି । ଏହା ନିଶ୍ଚିତ ଯେ, କଂଗ୍ରେସର ଆଭ୍ୟନ୍ତରୀଣ ସମସ୍ୟା ବୋଧହୁଏ, କାହାରିକୁ ଅଛପା ନାହିଁ । ଗୋଟିଏ ପକ୍ଷରେ ଦଳରେ ସ୍ଥାୟୀ ସଭାପତି ଆସନ ଦୀର୍ଘ ଦୁଇବର୍ଷ ହେଲା ଖାଲି ପଡିଥିବାବେଳେ ଅଧ୍ୟକ୍ଷ ନିର୍ବାଚନ ପଦ୍ମ ପଦ୍ମ ଘୁଂଚି ଯାଉଛି । ଅନ୍ୟପକ୍ଷରେ ଯେଉଁ ଯୁବ ତଥା ବରିଷ୍ଠ ନେତାମାନେ ରାହୁଳ ଗାନ୍ଧୀଙ୍କ ନିକଟତମ ଭାବେ ପରିଚିତ ଥିଲେ, କଂଗ୍ରେସ ସରକାର ଅମଳରେ ସେମାନଙ୍କ ଭାଗ୍ୟ ଉଜ୍ଜ୍ୱଳ ରହିଥିବାବେଳେ ଏବେ ସେମାନେ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ କେବଳ ଜଳକା ହୋଇ ରହିଥିବା କୁହାଯାଇପାରେ । ଗତବର୍ଷ ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ତ୍ୟାଗ କରି ବିଜେପିର ଯୋଗଦେବା ସହ ମଧ୍ୟପ୍ରଦେଶରେ କମଳା ନାଥ ସରକାରର ପତନର କାରଣ ହୋଇଥିଲେ । ଏବେ ଜିତିନ ପ୍ରସାଦ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଛନ୍ତି । ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର କ୍ରମାଗତ ଦ୍ୱିତୀୟ ଥର ଶୋଚନୀୟ ପରାଜୟ ପରେ ସେ କଂଗ୍ରେସ ତ୍ୟାଗ କରିବା ନେଇ ଚର୍ଚ୍ଚା ଯୋର ଧରିଥିଲା । ଆଭ୍ୟନ୍ତରୀଣ ବିବାଦ ସମାଧାନରେ ନେତୃତ୍ୱର ବିଫଳତା ଏବଂ ଅନିଶ୍ଚିତ ରାଜନୈତିକ ଆଶଙ୍କାରେ ପ୍ରସାଦ ଦଳ ଛାଡିବା କୁହାଯାଏ । ଏହା ସତ୍ୟ ଯେ, ଦେଶରେ କ୍ଷମତାର ମୂଳଦୁଆ ଥିବା ଉତର ପ୍ରଦେଶରେ କଂଗ୍ରେସର ସ୍ଥିତି ଏବେ ବିପନ୍ନ । ୨୦୧୪ ସାଧାରଣ ନିର୍ବାଚନର ୮୦ଟି ଲୋକସଭା ଆସନ ମଧ୍ୟରୁ କଂଗ୍ରେସ ଦୁଇଟି ଅକ୍ତିଆର କରିଥିବାବେଳେ ୨୦୧୯ରେ ଗୋଟିଏ ଏବଂ ୪୦୩ ବିଧାନସଭା ଆସନ ମଧ୍ୟରୁ ୨୦୧୭ରେ ମାତ୍ର ୭ଟିରେ ବିଜୟୀ ହୋଇଛି । ଆସନ୍ତା ୨୦୨୦ର ପ୍ରଥମ ଭାଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଦଳର ସ୍ଥିତି ଏପରି ଅବସ୍ଥାରେ ପହଁଚିଛି ଯେ, ସମାଜବାଦୀ ପାର୍ଟି କିମ୍ବା ବହୁଜନ ସମାଜପାର୍ଟି ମେଂଟ କରିବା ପାଇଁ ବିମୁଖ । କେବଳ ଏତିକି ନୁହେଁ ଏହି ଦୁଇ ଦଳ କଂଗ୍ରେସ ସହ ମେଂଟ ନିଷ୍ପତି ନେବା ପୂର୍ବରୁ ଦୁଇ, ତିନିଥର ବୋଧହୁଏ ଭାବିବେ । ତେଣୁ ଯାହା ଜଣାଯାଏ, କଂଗ୍ରେସ ଏକାକୀ ଲଢିବା ଏକ ପ୍ରକାର ନିଶ୍ଚିତ । ଅନ୍ୟପକ୍ଷରେ ରାହୁଳ ଗାନ୍ଧୀ ଏବେ ଦଳର ପ୍ରମୁଖନେତା ଭାବେ ବିଜେପି ସରକାର ଓ ପ୍ରଧାନମନ୍ତ୍ରୀଙ୍କ ସମାଲୋଚନା କରି ମୁଖ୍ୟ ବିରୋଧି ଦଳ ଭାବେ କଂଗ୍ରେସର ସ୍ଥିତିକୁ ଜାହିର କରି ଆସୁଛନ୍ତି । ସେ ଦଳର ନେତୃତ୍ୱ ଭାର ନନେଇ ଦଳର ମୁଖିଆ ଭୂମିକା ନିର୍ବାହ କରୁଥିବା ବେଳେ ତାଙ୍କର ନେତୃତ୍ୱ ଓ ନିର୍ବାଚନ ବିଜୟୀ କରାଇବା ଦକ୍ଷତା ଉପରେ ଦଳର ନେତାମାନଙ୍କ ସନ୍ଦେହ ଏବେ ବି ରହିଛି । ଅଧ୍ୟକ୍ଷ ପଦରୁ ସେ ଇସ୍ତଫା ଦେବା ପରେ ତାଙ୍କର ଅନ୍ତରଙ୍ଗ ଯୁବ ନେତାମାନେ ଏବେ ବରିଷ୍ଠ ନେତାମାନଙ୍କ ଗୋଟିଚାଳନାରେ କୋଣଠେସା ହୋଇ ରହିଛନ୍ତି । ଯେଉଁ କାରଣରୁ ସିନ୍ଧିଆ, ପ୍ରସାଦଙ୍କ ପରି ଯୁବ ପ୍ରତିଭାମାନ ଦଳତ୍ୟାଗ କରି ବିଜେପିରେ ଯୋଗ ଦେଇଥିବା ବେଳେ ରାଜସ୍ଥାନରେ ଉପମୁଖ୍ୟମନ୍ତ୍ରୀ ତଥା ରାହୁଳଙ୍କ ଘନିଷ୍ଠ ଭାବେ ପରିଚିତ ସଚିନ ପାଇଲଟଙ୍କ ମନୋଭାବ ବୋଧହୁଏ କୌଣସି ସଚେତନଶୀଳ ରାଜନେତାଙ୍କ ପାଇଁ ଅଛପା ନୁହେଁ । ନିଜର ଭବିଷ୍ୟତ ପାଇଁ ଯେ କୌଣସି ସମୟରେ କଂଗ୍ରେସ ତ୍ୟାଗ କରି ରାଜ୍ୟ ସରକାରଙ୍କ ପତନର କାରଣ ହୋଇପାରନ୍ତି । ତେବେ ଏଥିପାଇଁ କଂଗ୍ରେସ ନେତୃତ୍ୱ ବେଳହୁଁ ସାବଧାନ ହେବା ଜରୁରୀ । ଏହା ସତ୍ୟ ଯେ, ଦେଶର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସ ଏବେ ଦେଶବାସୀଙ୍କ ଆସ୍ଥା ହରାଇବାରେ ଲାଗିଛି । ସାଂପ୍ରତିକ ସମୟରେ ଦଳର ସ୍ଥାୟୀ ନେତୃତ୍ୱ ଜରୁରୀ । ଅନ୍ୟଥା କଂଗ୍ରେସ ରୂପକ ଡଙ୍ଗା ବୁଡିଯିବା ଆଶଙ୍କାକୁ ଆଗ୍ରାହ୍ୟ କରାଯାଇନପାରେ ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ -୯୪୩୭୯୯୪୩୭୯

PARYABEKHYAK




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ"ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

### ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ ଡିଜାଇନର ମନିଷ୍ ମଲହୋତ୍ରାଙ୍କ ସହିତ ଲିମିଟେଡ୍ ଏଡିସନ୍ ପ୍ୟାକ୍‌ର ଶୁଭାରମ୍ଭ

ଜୁଲାଇ : ପ୍ରିମିୟମ ହ୍ୱିସ୍କି ବର୍ଗରେ ଅଦ୍ୱିତୀୟ ଲିଡର, ସିଗ୍ରାମର ବ୍ଲେଣ୍ଡର୍ସ ପ୍ରାଇଡ୍ ଏହାର ଲିମିଟେଡ୍ ଏଡିସନ ପ୍ୟାକକୁ ପ୍ରସିଦ୍ଧ ଡିଜାଇନର ମନିସ୍ ମଲହୋତ୍ରାଙ୍କ ସହଯୋଗରେ ପ୍ରସ୍ତୁତ କରିଛି। ଏହି ଲିମିଟେଡ୍ ଏଡିସନ ପ୍ୟାକ ଡିଜାଇନରଙ୍କ ସୁନ୍ଦର ଶିଳ୍ପର ପ୍ରତିନିଧିତ୍ୱ କରିଥାଏ ଏବଂ ଗ୍ରାହକମାନଙ୍କୁ 'ଷ୍ଟାରଡମ୍‌ର ସ୍ୱାଦ' ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି। ଏହି ପ୍ୟାକ୍ ଏକ ସୁନ୍ଦର ଷ୍ଟାଇଲ ସୃଷ୍ଟି କରୁଛି, ଯାହାକି 'ମାଇଁ କ୍ରାଫ୍ଟ, ମାଇଁ ପ୍ରାଇଡ' କୁ ଦର୍ଶାଇଥାଏ। ଏହାକୁ ସ୍ମୁଥ ବ୍ଲେଣ୍ଡରେ ଦକ୍ଷତାପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇଛି। ଦକ୍ଷତାର ସହିତ ପ୍ରସ୍ତୁତ ସ୍ମୁଥ ବ୍ଲେଣ୍ଡ ଦ୍ୱାରା ଅନୁପ୍ରେରିତ ଏହି ଲିମିଟେଡ୍ ଏଡିସନ ପ୍ୟାକରେ ରହିଛି ୱାର୍ମ ମେଟାଲିକ୍ ଆକ୍ସେସ୍ ଓ ଟୋନ୍ସ ଯାହା ଗ୍ଲାମର, ସେଲିବ୍ରେସନ ଏବଂ ଲାଇଫଷ୍ଟାଇଲର ଭାବନା ସୃଷ୍ଟି କରେ। ମନିଷ ମଲହୋତ୍ରାଙ୍କ ୩୦ ବର୍ଷର ଅଭିଜ୍ଞତା ସମ୍ବଳିତ ପ୍ୟାକ୍ କୁ ଅତ୍ୟ' ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି। ବ୍ଲେଣ୍ଡର୍ସ ପ୍ରାଇଡର ଏହି ଲିମିଟେଡ୍ ଏଡିସନ ପ୍ୟାକଟି ହୁଇସ୍କି ବିଶେଷଜ୍ଞଙ୍କ ପାଇଁ ୧୫ ଟି ବଜାରରେ ଉପଲବ୍ଧ ଅଟେ। ଏହି ଲିମିଟେଡ୍ ଏଡିସନ ପ୍ୟାକର ଶୁଭାରମ୍ଭ ଅବସରରେ କାର୍ତ୍ତିକ ମହିନ୍ଦ୍ରା, ଚିଫ୍ ମାର୍କେଟିଂ ଅଫିସର, ପର୍ଣ୍ଣଡ ରିକାର୍ଡ଼ ଭାରତ କହିଛନ୍ତି ଯେ, ''ବ୍ଲେଣ୍ଡର୍ସ ପ୍ରାଇଡ୍ ର ଲିମିଟେଡ୍ ଏଡିସନ ପ୍ୟାକ ପ୍ରତିଷ୍ଠିତ ବିଶ୍ୱ ପୁରସ୍କାର ବିଜେତା ଫାଇନ୍ ହୁଇସ୍କି ଏବଂ ପ୍ରସିଦ୍ଧ ଡିଜାଇନର ମନିଷ ମଲହୋତ୍ରା ସହିତ ଆମର ସହଯୋଗ ଉଭୟ ଜରିଆରେ, ସମୃଦ୍ଧ ଶିଳ୍ପକୌଶଳର ଉଦାହରଣ ଅଟେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଉପଲକ୍ଷେ ଜେ ଏସ୍ ଏଫ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ







ଭୁବନେଶ୍ୱର : ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଜେ.ଏସ୍.ଏଫ୍ ପକ୍ଷରୁ ଉତ୍କଳ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜେ.ଏସ୍.ଏଫ୍‌ର ସର୍ବଭାରତୀୟ ସଭାପତି ଅନିଲ୍ ଚୌଧୂରୀଙ୍କ ନିର୍ଦ୍ଦେଶ କ୍ରମେ ଭାରତରେ ସବୁ ନାଗରିକଙ୍କ ପାଇଁ ଦୁଇଟି ସନ୍ତାନ ଆଇନ୍‌କୁ ବାଧ୍ୟତାମୂଳକ କରି ଆଇନ୍ ପ୍ରଣୟନ କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଜରିଆରେ ଜନସଂଖ୍ୟା ସ୍ଥିରତା ପକ୍ଷ (ଚଳିତମାସ ଜୁଲାଇ ୧୧ରୁ ଜୁଲାଇ ୨୪) ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତି ନିଆଯିବା ସହ ଜୁଲାଇ ୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ବିଏମ୍‌ସି କମିଶନରଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଏସଂକ୍ରାନ୍ତିରେ ଦାବିପତ୍ର ପ୍ରଦାନ କରାଯାଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବାର ନିଷ୍ପତି ନିଆଯାଇଛି ବୋଲି ଜେ.ଏସ୍.ଏଫ୍‌ର ରାଜ୍ୟ ସଭାପତି ବିପିନ୍ ଦାସ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ଭାରତରେ ଅସନ୍ତୁଳିତ ଜନସଂଖ୍ୟା ବିସ୍ଫୋରଣ କେବଳ ସାମାଜିକ ସମସ୍ୟା ତିଆରି କରୁନାହିଁ ତା' ସହିତ କୁପୋଷଣ, ଅପପୃଷ୍ଟି ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ସାଙ୍ଗକୁ ଅପରାଧ, ଆତଙ୍କବାଦ, ପାନୀୟ ଜଳର ଅଭାବ, ଗରିବୀ, ପରିବେଶ ପ୍ରଦୂଷଣ, ଜଳବାୟୁରେ ପରିବର୍ତନ,ବେକାରୀ ସଂଖ୍ୟା ବୃଦ୍ଧି, ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ କୃଷି ଜମିର ପରିମାଣ ତୀବ୍ର ଗତିରେ କମିବାରେ ଲାଗିଛି। ବିପୁଳ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆମ ଦେଶର ସରକାର ପ୍ରଦାନ କରୁଥିବା ଜନହିତକାରୀ ଯୋଜନାଗୁଡିକ ସମସ୍ତଙ୍କ ନିକଟରେ ପହଂଚିପାରୁନାହିଁ। ଯାହାର ସଦ୍ୟ ଉଦାହରଣ ହେଉଛି ମହାମାରୀ କରୋନା ପ୍ରତିଷେଧକ ବ୍ୟବସ୍ଥା ଓ ସଚେତନତା। ଏହାଛଡା ଜନସଂଖ୍ୟାର ସୁଚିନ୍ତିତ ବିସ୍ଫୋରଣ ଆଗାମୀ ଦିନରେ ଆମ ଦେଶରେ ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିକୁ ଇତିହାସରେ ପରିଣତ କରିଦେବା ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଜନସଂଖ୍ୟା ବିସ୍ଫୋରଣ ରୋକିବା ପାଇଁ ଆମର ଏହି ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ନାମକ ସଂସ୍ଥା ବିଗତ ତେରବର୍ଷ ହେଲା ଦେଶର ପ୍ରାୟ ସବୁ ରାଜ୍ୟରେ ଜନ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି। ଜନ ସଚେତନତା ଓ ସ୍ଥାନୀୟ ସରକାରଙ୍କ ଆଗ୍ରହ ଯୋଗୁଁ ଉତରପ୍ରଦେଶ ଓ ଆସାମରେ ସବୁ ନାଗରିକଙ୍କ ପାଇଁ ଦୁଇ ସନ୍ତାନ ନୀତି ପ୍ରଣୟନ କରିବାକୁ ସେଠାକାର ସରକାର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଠିକ୍ ସେହିପରି ଆମ ରାଜ୍ୟରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଜେ.ଏସ୍.ଏଫ୍ ବିଗତ ଏକବର୍ଷ ହେଲା ବିଭିନ୍ନ ସ୍ଥାନରେ ବିକ୍ଷୋଭ, ସେମିନାରମାନ ଆୟୋଜିତ କରିଛି ଏବଂ ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଦାବୀପତ୍ର ମଧ ପ୍ରଦାନ କରିଛି। ଏହି ସମ୍ବାଦିକ ସମ୍ମିଳନୀରେ ଜେ.ଏସ୍.ଏଫ୍ ରାଜ୍ୟ ସଭାପତି ଶ୍ରୀ ଦାସଙ୍କ ସମେତ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଦିଲ୍ଲିପ ସ୍ୱାଇଁ ଏବଂ ସୂର୍ଯ୍ୟ ନାରାୟଣ ଦାସ, ରାଜ୍ୟ ସଙ୍ଗଠନ ସମ୍ପାଦକ ମିହିର ପାଣି, ସହ ସଂଯୋଜିକା ସିପ୍ରା ହୀରା, ରାଜ୍ୟ ଉପସଭାପତି ସରୋଜ ସାହୁ,ସଙ୍ଗଠନର ଯୁବ ସାମ୍ମୁଖ୍ୟ ସଭାପତି ସୁଶୀଳ ଛୁଆଳସିଂ ଓ କାର୍ଯ୍ୟକାରୀ ସଭାପତି ଶ୍ରୀକୁମାର ପୁରୋହିତ, ରାଜ୍ୟ ସୋସିଆଲ୍ ମିଡିଆ ପ୍ରଭାରୀ ଦିଲ୍ଲିପ ସାହୁ, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ସଭାପତି ଅଜୟ ସାମନ୍ତିରାୟ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ ମହାରଣା , କଟକ ଜିଲ୍ଲାର ସଭାପତି ବସନ୍ତି କୁମାର ସାହୁ ଏବଂ ଖୋର୍ଦ୍ଧା ଜିଲ୍ଲାର ସଭାପତି ଜୟନ୍ତି ଶିଶୁ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ବାଲେଶ୍ୱର ବାସୀଙ୍କ ପକ୍ଷରୁ ବଧାଇ

ବାଲେଶ୍ୱର: ମହାବାତ୍ୟା ସମୟରେ ବାଲେଶ୍ୱରରେ ଜିଲ୍ଲାପାଳ ଥିବା ଅଶ୍ୱିନୀ କୁମାର ବୈଷ୍ଣବ ଏବେ ବି ବାଲେଶ୍ୱର ବାସୀଙ୍କର ସ୍ମରଣୀୟ ହୋଇ ରହିଛନ୍ତି। ଓଡ଼ିଶା ବିଧାନ ସଭାରୁ ରାଜ୍ୟ ସଭାକୁ ସଦସ୍ୟ ଭାବେ ନିର୍ବାଚିତ ହୋଇ ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ରେଳବାଇ ଓ ଆଇଟି ବିଭାଗରେ ମନ୍ତ୍ରୀ ପଦରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ବୈଷ୍ଣବଙ୍କ ପାଖରୁ ବେଶ ବହୁତ କିଛି ଆଶା କରୁଛି। ବିଶେଷ କରି ବାଲେଶ୍ୱରରେ ସେ ଜିଲ୍ଲାପାଳ ଥିଲା ବେଳେ ଅନେକ ଉନ୍ନତି ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଜନତାଙ୍କ ବେଶ ଆସ୍ଥାଭାଜନ ହୋଇଥିଲେ। ତାଙ୍କୁ ଏବେ ଯେଉଁ ଗୁରୁ ଦାୟିତ୍ୱ ମିଳିଛି ସେଥି ନେଇ ଓଡ଼ିଶା ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ସମ୍ପାଦିକା ଅପର୍ଣ୍ଣା ପଣ୍ଡା, ସୁଶାନ୍ତ ପ୍ରଧାନ, ତାପସ କୁମାର ସାହୁ, ଭୁପତି ପରିଡ଼ା, କବିତାବାଳା ମାନ୍ଧାତା, ଜୟଶ୍ରୀ ବିଶ୍ୱାଳ, କଞ୍ଚମଣି ସ୍ୱାଇଁ ଓ ସର୍ବଭାରତୀୟ ସଭାପତି ଡ଼. ପିତବାସ ମିଶ୍ର, ରାଜ୍ୟ ସଭାପତି ଭାଗବତ ତ୍ରିପାଠି, ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା, ଅର୍ଜ୍ଜୁନ ମୁଦୁଲି ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଅପର୍ଣ କରିଛନ୍ତି। ଓଡ଼ିଶା ରେଳବାଇ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେବା ସାଙ୍ଗକୁ ରାଜ୍ୟ ତଥା ସର୍ବଭାରତୀୟ ସାମ୍ବାଦିକମାନଙ୍କୁ ରେଳ ଯାତ୍ରାରେ ସ୍ୱତନ୍ତ୍ର ରିହାତି ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି।

# ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଫଳ ଚାରା ରୋପଣ




ବାରିପଦା: ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଫଳ ଚାରା ରୋପଣ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଡିଭିଜନାଲ ଫରେଷ୍ଟ ଅଫିସର ସଂୋଷ କୁମାର ଜୋଷୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ନିଜେ ମହାବିଦ୍ୟାଳୟ ପରିସରରେ ଫଳ ଚାରା ରୋପଣ କରିବା ସହିତ ବୃକ୍ଷ ହିଁ ଜୀବନ ବୋଲି କହିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ବନ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ଚାରାକୁ ନେଇ ନିଜ ନିଜ ବାଡି ବଗିଚାରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ପିଠାବଟା ରେଞ୍ଜର ଲକ୍ଷ୍ମୀଧର ବେହେରା ଏବଂ ଫରେଷ୍ଟ ଗାର୍ଡ କୃଷ୍ଣଚନ୍ଦ୍ର ଦେ ଚାରା ରୋପଣ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ କୁମାର ଦାସ ଏବଂ ମୟୂରଭ ଜିଲ୍ଲା ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତି ରଂଜନ ଦାସ ଛାତ୍ରଛାତ୍ରୀମାନଙ୍କର ଚାରା ରୋପଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ ନାୟକ, ଉପାଧକ୍ଷା ସଂଘମିତ୍ରା ରାଉତ, ଅଧାପିକା ସାଗରୀକା ପଣ୍ଡା, ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ମୀରା ସେନାପତି ଏବଂ ବିଜୟା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନର ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍‌କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ଆଇନ୍ ମହାବିଦ୍ୟାଳୟରେ ଭାଗବତ ପ୍ରସାଦ ମହାନ୍ତିଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା : ସମାଜବାଦୀ ଚିନ୍ତାଧାରାର ସତ୍ୟନିଷ୍ଠ ପ୍ରବକ୍ତା, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ପ୍ରତୀକ ଓ ବିଶିଷ୍ଟ ଆଇନଜୀବୀ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜୟନ୍ତୀ ଉତ୍ସବ କୋଭିଡ-୧୯ କଟକଣା ମଧ୍ୟରେ ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟରେ ଅଧକ୍ଷ ଡଃ. ନରହରି ଲେଙ୍କାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। 'ଲଙ୍ଗଳ ଯାହାର ଜମି ତାହାର' ଆହ୍ୱାନ ଦେଇ ସେ ଗରିବ କୃଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜମିଦାରମାନଙ୍କର ନିର୍ଯ୍ୟାତନାର ଶିକାର ହୋଇଥିଲେ। ପରବର୍ତ୍ତୀ ସମୟରେ ଓଡିଶା ଭାଗଚାଷ ଆଇନ୍ ପ୍ରଣୟନର ମୁଖ୍ୟ ପୁରୋଧା ହୋଇ ଗରିବ ଭାଗଚାଷୀମାନଙ୍କ ଅଧିକାର ସାବ୍ୟସ୍ତ କରାଇବାରେ ଯେଉଁ ସଫଳତା ହାସଲ କରିଥିଲେ ତାହା ଚିର ସ୍ମରଣୀୟ ହୋଇ ରହିବ। ମହାବିଦ୍ୟାଳୟର ଅଧାପକ ଶରତ ଚନ୍ଦ୍ର ସାହୁ, ଡଃ. ଚିରଞ୍ଜିବୀ ପଣ୍ଡା, ତିମିରକାନ୍ତ ପରିଡ଼ା, ରାଜକିଶୋର ମହାନ୍ତି, ବରିଷ୍ଠ କର୍ମଚାରୀ କୃପାସିନ୍ଧୁ ସାହୁ ଓ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅବନୀ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶାରଦା ପ୍ରସାଦ ମହାନ୍ତି, ରମେଶ ଚନ୍ଦ୍ର ପଲାଇ, ଅଭୟ କୁମାର ମହାନ୍ତି, ଇବ୍ରାର୍ ଖାଁ, ରମେଶ କୁମାର ସ୍ୱାଇଁ, ବଳରାମ ଦାସ, କେଶବ ଗୋଛାୟତ, ରାମ ବାହାଦୁର୍, ବିଶୋକ ମହାନ୍ତି, ଆପସନା ବେଗମ୍ ଓ ବାସନ୍ତି ରଣା ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଦୁହୁରିଆସ୍ଥ କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଓ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରୀୟଓ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବ୍ଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

### ଚଣ୍ଡିଖୋଲ ଟ୍ରାଫିକ୍ ଥାନାରେ ଯୋଗଦେଲେ ନୂତନ ଅଧିକାରୀ

ଧର୍ମଶାଳା: ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଟ୍ରାଫିକ୍ ଥାନାର ଥାନା ଅଧିକାରୀ ଭାବେ ଶ୍ରମଣ କୁମାର ମହାରଣା ଯୋଗ ଦେଇଛନ୍ତି। ସେ ଗଜପତି ଜିଲା ରାୟଗଡା ଥାନାରେ କାର୍ଯ୍ୟ କରୁଥିବା ବେଳେ ବଦଳି ହୋଇ ଚଣ୍ଡିଖୋଲ ଟ୍ରାଫିକ୍ ଥାନାକୁ ଆସିଛନ୍ତି। ପୂର୍ବରୁ ଟ୍ରାଫିକ୍ ଥାନାଧିକାରିଣୀ ଭାବେ ବିଜୟିନୀ ମଲ୍ଲ ଦାୟିତ୍ୱ ତୁଲାଉ ଥିଲେ। ତାଙ୍କର ବାଲିଚନ୍ଦ୍ରପୁର ଥାନାକୁ ବଦଳି ହେବା ପରେ ଟ୍ରାଫିକ୍ ଥାନାଧିକାରୀ ପଦବୀ ଖାଲି ପଡିଥିଲା।




## ଜଗନ୍ନାଥପ୍ରସାଦ ସୈରାତ ବାତିଲ ଧାରଣା ସ୍ଥଗିତ, ବୈଷୟିକ କମିଟିର ଅନୁଧ୍ୟାନ; ପୁନଃ ଚିହ୍ନଟ ହେବା ନେଇ ସୂଚନା

ଭଦ୍ରକ:ଏହି ଜିଲାର ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବାଲିପୋଖରୀ ପଂଚାୟତ ଜଗନ୍ନାଥପ୍ରସାଦ ସୈରାତ ନିଲାମ ବାତିଲ ଦାବିରେ 'ଆଂଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି' ପକ୍ଷରୁ ଅନୁଷ୍ଠିତ ଗଣଧାରଣାକୁ ଆଜି ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଗତ ଗୁରୁବାର ଠାରୁ ତହସିଲ ଅଫିସ ସମ୍ମୁଖରେ କମିଟି ପକ୍ଷରୁ ହେଉଥିବା ଗଣଧାରଣା ବୁଧବାର ଆଖୁଆପଦା ଆନିକଟ ସମ୍ମୁଖରେ ହୋଇଥିଲା । ସୋମବାର ଜିଲ୍ଲାପାଳଙ୍କ ସହ ସୁରକ୍ଷା କମିଟିର ଆଲୋଚନା ଅନୁଯାୟୀ ବୁଧବାର ଉପଜିଲ୍ଲାପାଳ ପିତାମ୍ବର ସାମଲଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଭଦ୍ରକ ଭୂତତ୍ୱବିତ୍ ଜେ ସୁଷ୍ମିନାରାନୀ, ବାଲେଶ୍ୱର ଓଏସପିସିବି ଆ ଲିକ ଅଧିକାରୀ ବୈଷୟିକ ସଦସ୍ୟମାନେ ସଂପୃକ୍ତ ସୈରାତରୁ ବାଲି ଉଠାଣ ଜନିତ ସମ୍ଭାବ୍ୟ ବିପର୍ଯ୍ୟୟର କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ । ଏଥିସହ ବୈଷୟିକ କମିଟି ବାଲିପୋଖରୀ ଏସକେପ ପ୍ରତି ସୈରାତରୁ ବାଲି ଉଠାଣର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ । ବୈଷୟିକ କମିଟି ପକ୍ଷରୁ ଉପଜିଲ୍ଲାପାଳ ଶ୍ରୀ ସାମଲ ଧାରଣା ସ୍ଥଳକୁ ଯାଇ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଆଂଚଳିକ କମିଟି ଆବାହକ ଅକ୍ଷୟ ତ୍ରିପାଠୀ, ସଭାପତି ସୁଧିର ଜେନା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ । ଆନ୍ଦୋଳନକାରୀଙ୍କ ପକ୍ଷରୁ ଆବଶ୍ୟକୀୟ ପ୍ରାମାଣିକ ନଥିପତ୍ର ମଧ୍ୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ବୈଷୟିକ କମିଟି ଜିଲ୍ଲାପାଳଙ୍କୁ ଅବିଳମ୍ବେ ରିପୋର୍ଟ ପ୍ରଦାନ କରିବ ଓ ସ୍ଥାନୀୟ ଅଂଚଳବାସୀଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ । ଏହାକୁ ଗ୍ରହଣ କରି ଧରଣାରତ କମିଟି ପକ୍ଷରୁ ଧାରଣାକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଥିଲା । ଏଥିସହ ଗତ ମଙ୍ଗଳବାର ତହସିଲ ପକ୍ଷରୁ କରାଯାଇଥିବା ସୈରାତ ଅଂଚଳ ଚିହ୍ନଟ ଆନ୍ଦୋଳନକାରୀ ପ୍ରତିନିଧିଙ୍କ ଉପସ୍ଥିତିରେ ପୁନଃ ଚିହ୍ନଟ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ବେହେରା, ପ୍ରକାଶ ମହାପାତ୍ର, ବସନ୍ତ ତ୍ରିପାଠୀ, ଜିତେନ୍ଦ୍ର କୁମାର ମହାପାତ୍ର, ପ୍ରଭାତ କୁମାର ବାରିକ, ନଟବର ପରିଡା, ଅଭିମନ୍ୟୁ ଜେନା, ପ୍ରଦୀପ୍ତ କୁମାର ବାରିକ, ମହେଶ୍ୱର ଦାଶ, ନରନାରାୟଣ ପରିଡା, ରଶ୍ମିରଞ୍ଜନ ମହାପାତ୍ର, ଗିରିଶ ସାମଲ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ । ତେବେ ମଙ୍ଗଳବାର ଠାରୁ ଏହି ସୈରାତରୁ ବାଲି ଉଠାଣ ବନ୍ଦ ରହିଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲା ମଣିପଦର ଡାମିସାହିଠାରେ ବୃକ୍ଷ ରୋପଣ ଓ ବନ ମହୋତ୍ସବ କାର୍ଯ୍ୟକ୍ରମ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଫରେଷ୍ଟ ରେଞ୍ଜ ଅଧିନରେ ଥିବା ମଣିପଦର ଡାମିସାହିରେ ଥିବା ଖେଳ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବିଡିଓ ରଶ୍ମୀରଞ୍ଜନ ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବନ୍ଧଗଡର ଫରେଷ୍ଟର ଚନ୍ଦ୍ରମା ପଟ୍ଟନାୟକ ଏବଂ ସେହି ଅଂଚଳର ଫରେଷ୍ଟ ଗାର୍ଡ ମାନଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ସଂଗ୍ରାମ ଦିଗାଲ,ଏପିଓ ସୁମନ୍ତ ଉଠାଣସିଂ ପ୍ରମୁଖ ଯୋଗ ଦେଇଥିଲେ ।

## କଂଗ୍ରେସ ପକ୍ଷରୁ ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ଖାଦ୍ୟ ତେଲର ମୂଲ୍ୟ ବୃଦ୍ଧି ବିରୋଧରେ ଜିଲ୍ଲାର ସମସ୍ତ ବ୍ଲକ ସମ୍ମୁଖରେ ଥାଳି, ଘଂଟା ଓ ଖଞ୍ଜଣି ବଜାଇ ଆନ୍ଦୋଳନ ଆରମ୍ଭ

ବାରିପଦା: ଓଡ଼ିଶାରେ ପେଟ୍ରୋଲ ଓ ଡ଼ିଜେଲର ମୂଲ୍ୟ ୧୦୦ ପାର ହୋଇଛି । ସେହିପରି ରନ୍ଧନ ଗ୍ୟାସର ମୂଲ୍ୟ ୯୦୦, ଖାଦ୍ୟ ତେଲର ମୂଲ୍ୟ ୨୦୦ଟଙ୍କା ଅତିକ୍ରମ କରି ସାରିଛି । ଏଥି ସହିତ ଆଳୁ, ପିଆଜ ସହ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଯାଇଛି । ଏହି ଅହେତୁକ ମୂଲ୍ୟ ବୃଦ୍ଧିକୁ ନେଇ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ସରକାର ଓଡ଼ିଶାରେ ବିଜୁ ଜନତା ଦଳ ସରକାରକୁ ଉତର ଦାୟୀ କରୁଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟିକୁ ଦାୟୀ କରୁଛି । ପରସ୍ପର ପରସ୍ପର ଉପରେ କାଦୁଅ ଫିଙ୍ଗା ଫିଙ୍ଗି ଜାରି ରଖିଥିବା ସମୟରେ ଉଭୟ ସରକାର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଫଳରେ ଗରୀବ, ଖଟିଖିଆ, ଦିନ ମଜୁରିଆ, ମଧ୍ୟବିତ ଜନତାଙ୍କ ସମେତ ସମାଜର ସମସ୍ତ ବର୍ଗର ଜନସାଧାରଣ ପ୍ରଭାବିତ ହୋଉଛନ୍ତି । କରୋନା ମହାମାରୀ ଜନସାଧାରଣଙ୍କ ନିକଟରୁ ଆୟ ଉପାର୍ଜନ ଛଡ଼ାଇ ନେଇଥିବା ବେଳେ ମହଙ୍ଗାମାଡ଼ ବୋଝ ଉପରେ ନଳିତାବିଡ଼ା ସଦୃଶ୍ୟ ହୋଇଛି । ଏଣୁ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚରମ ବିଫଳତା ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଡ଼ାକରାରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ସମ୍ମୁଖରେ ଜୁଲାଇ ୭ ପୂର୍ବାହ୍ନ ୧୦ଠାରୁ ମଧ୍ୟାହ୍ନ ୧ ପର୍ଯ୍ୟନ୍ତ ଘଂଟା, ଥାଳି ଓ ଖଞ୍ଜଣି ଆଦି ବଜାଇ ପ୍ରତିବାଦ କରାଯାଇଥିଲା । ଉକ୍ତ ପ୍ରତିବାଦରେ ସମସ୍ତ ବ୍ଲକ କଂଗ୍ରେସ ସଭାପତିମାନେ ନିଜ ନିଜ ଅଂଚଳର କଂଗ୍ରେସ ଦଳର କର୍ମକର୍ତା, ନେତା, ଛାମୁଆଁ ସଙ୍ଗଠନକୁ ନେଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକ ସକମ୍ମୁଖରେ ବାରିପଦା ବ୍ଲକ କଂଗ୍ରେସ ସଭାପତି ଚୈତନ୍ୟ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ନଗର କମିଟି ସଭାପତି ଶାନ୍ତନୁ ପାଲ, ନିମାଇଁ ମୁର୍ମୁ, ଚାମୁରୁ ହେମ୍ବ୍ରମ, ଦୁର୍ଗା ହେମ୍ବ୍ରମ, ମନୋରଞ୍ଜନ ମହାନ୍ତ, ସୁକୁମାରୀ ବାସ୍କେ, ମିନତୀ ହାଁସଦାଃ, ଲକ୍ଷ୍ମଣ କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଆନ୍ଦୋଳନ ଜୁଲାଇ ୧୭ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତ ୯ରେ ଜିଲ୍ଲାର ସମସ୍ତ ନଗରରେ ଆନ୍ଦୋଳନ ହେବାକୁ ଯାଉଥିବା ବେଳେ ୧୭ରେ ପେଟ୍ରୋଲ ପମ୍ପ ସମ୍ମୁଖରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବାରିପଦା ନଗର ସଭାପତି ଶ୍ରୀପାଳ ପ୍ରକାଶ କରିଛନ୍ତି ।

## ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବଂଟନ କାର୍ଯ୍ୟକ୍ରମ

ଭଦ୍ରକ: ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଭଦ୍ରକ ଏବଂ ଆଦାନୀ ଫାଉଣ୍ଡେସନ, ଆଦାନୀ ଧାମରା ପୋର୍ଟର ମିଳିତ ସହାୟତାରେ, ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବ ନ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ କରଣପଲ୍ଲୀ ଓ କରଞ୍ଜମାଳ ପ ।ୟତରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଚାନ୍ଦବାଲି ବ୍ଲକ ଅଧକ୍ଷା ପ୍ରତିନିଧି ରଞ୍ଜନ କୁମାର ସାହୁ, ଚାନ୍ଦବାଲି ବ୍ଲକ କୃଷି ଅଧିକାରୀ ବୈରାଗୀ ଚରଣ ସେଠୀ ତଥା କରଣପଲ୍ଲୀ ସରପ ବାବୁଲି ସେଠୀ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ମଲ୍ଲିକ ତଥା ଗୋବିନ୍ଦ କୃଷକ ସଂଘ, ମା' ବନଦୁର୍ଗା କୃଷକ ସଂଘ ଏବଂ ମା' ଶୀତଳା କୃଷକ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତି ରହି ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଧାମରା ପୋର୍ଟ ପାର୍ଶ୍ୱବର୍ତୀ କରଣପଲ୍ଲୀ ଓ କରଞ୍ଜମାଳର ୫୦୦ ଏକର ଜମିରେ କାର୍ଯ୍ୟକାରୀ କରାଯିବ ଏବଂ ଏହି କାର୍ଯ୍ୟକ୍ରମରୁ ପ୍ରାୟତଃ ୩୫୦ ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ । ଏହି ଯୋଜନା ଅନ୍ତର୍ଗତ ଚାଷୀମାନଙ୍କୁ ଉନ୍ନତ କିସମର ପ୍ରାମାଣିକ ଧାନ ବିହନ ଯଥା ସିଆର୍ ୧୦୦୯ ସବ ୧ ଏବଂ କଳାଚମ୍ପା ଯେଗାଇ ଦିଆଯିବ । ବିହନ ରୋପଣ ପରେ ବିଭିନ୍ନ ଅଣୁଶାର, ଘାସମରା ଓ କୀଟନାଶକ ଔଷଧ ସହିତ ଚାଷୀମାନଙ୍କ ନାମ କୃଷି ବିଭାଗରେ ପଞ୍ଜିକରଣ କରାଯିବା ସହ ଏକର ପିଛା ଧାର୍ଯ୍ୟ ଆର୍ଥିକ ସହାୟତା ରାଶି ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ସୂଚନା ଦେଇଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ଏହି ସରକାରୀ କାର୍ଯ୍ୟକ୍ରମ ଧାମରା ଅ ଳରେ ପ୍ରଥମଥର ପାଇଁ ପରିଚାଳିତ ହେଉଅଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଦାନୀ ଧାମରା ପୋର୍ଟ, ଜିଲା କୃଷି ବିଭାଗ ଓ ସ୍ଥାନୀୟ କୃଷକ ସଂଘ ମିଳିତ ଭାବେ ପ୍ରୟାସ କରିବେ । ଚାଷୀମାନଙ୍କୁ ସମୟ ବ୍ୟବଧାନରେ ପରାମର୍ଶ, ବୈଷୟିକ କୌଶଳ ତାଲିମ ଶିବିର ମାଧ୍ୟମରେ ଯୋଗାଇ ଦିଆଯିବ ।

## ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ

ଧର୍ମଶାଳା: ଖୋର୍ଦ୍ଧା ଜିଲା ସଦର ମହକୁମାରେ ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଯାଇଛି ।ଏହି ଅବସରରେ ଏକ ସଚେତନତା ପାଇଁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ତେବେ ଜନସଂଖ୍ୟା ସଚେତନତା ପକ୍ଷ ଜୁନ୨୭ ରୁ ଜୁଲାଇ ୧୦ ତାରିଖ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ।ସେ ଆହୁରି ମଧ୍ୟ କହିଛନ୍ତି ଛୋଟ ପରିବାର ସୁଖୀ ପରିବାର ।ତେବେ ଏହାକୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଲୋକମାନଙ୍କୁ ପ୍ରଚାର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଛି । ସଚେତନତା ରଥ ଜିଲାର ୧୦ଟି ବ୍ଲକର ବିଭିନ୍ନ ଗାଁ ଗାଁ ବୁଲି ସଚେତନତା କରିବ । ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଧିକାରୀ ବିଶ୍ୱରଞ୍ଜନ ପତି ଯୋଗ ଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ କାର୍ଯ୍ୟକ୍ରମ ଚଳିତ ମାସ ୧୧ ବିଶ୍ୱ ଜନସଂଖ୍ୟା ଦିବସ ଓ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯିବ । ତେବେ ବିଶ୍ୱ ଜନସଂଖ୍ୟା ଦିବସ ନେଇ ଚଳିତ ବର୍ଷର ବାର୍ତା ରହିଛି 'ପରିବାର ନିୟୋଜନ ଏକ ସାମାଜିକ ଦାଇତ୍ୱ' ।ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପୋଷ୍ଟର, ବ୍ୟାନର, ଲିଫଲେଟ,ହୋଡିଙ୍ଗ ଓ ସଚେତନତା ରଥ ମାଧ୍ୟମରେ ସଚେତନ କରାଯିବ । ଏତତ ବ୍ୟତୀତ ଆଶାକର୍ମୀ ମାନେ ସନ୍ତାନକ୍ଷମ ଦମ୍ପତିଙ୍କର ଏକ ତାଲିକା ନବୀକରଣ କରିବା ସହିତ ଗ୍ରାମ୍ୟସ୍ତର ସ୍ୱାସ୍ଥ୍ୟ ଓ ପୋଷଣ ଦିବସରେ ସନ୍ତାନକ୍ଷମ ମହିଳାମାନଙ୍କୁ ସଚେତନ କରାଯିବ ।ଏପରିକି ସ୍ୱାସ୍ଥ୍ୟ କାନ୍ଥରେ ସଚେତନତା ବାର୍ତା ରହିବା ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭ ନିରୋଧ ପାଇଁ ଗର୍ଭ ନିରୋଧ ବଟିକା ଓ କଣ୍ଡୋମ ବଂଟନ କରାଯିବ ।ସେହିପରି ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିର କରାଯାଇ ସ୍ଥାୟୀ ପରିବାର ନିୟୋଜନ ପାଇଁ ସଂପୃକ୍ତ ହିତାଧିକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ।ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦ୍ୱାରକା ନାଥ ଶତପଥୀ, ଡିପିଏମ ଗୀତାଞ୍ଜଳି ଦାଶ,ସହକାରୀ ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ଗଣଧାରଣା

ଭଦ୍ରକ : କେନ୍ଦ୍ର ସରକାର ଲଗାତର ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରି ଚାଲିଛନ୍ତି । ଆନ୍ତର୍ଜାତିକ ତୈଳ ଦରରେ ହ୍ରାସ ଘଟୁଥିବା ବେଳେ କେନ୍ଦ୍ର ସରକାର ଦେଶରେ ତୈଳଦର କମାଇବା ପରିବେ ବୃଦ୍ଧି କରିଚାଲିଛନ୍ତି । ୨୦୧୪ ମସିହାରେ ଦେଶରେ କଂଗ୍ରେସ ନେତୃତ୍ୱାଧୀନ ମେ ସରକାର ଥିବା ବେଳେ ପେଟ୍ରୋଲ ୭୨ଟଙ୍କା ଓ ଡିଜେଲ ୬୩ ଟଙ୍କାରେ ବିକ୍ରି ହେଉଥିଲା । ସେତେବେଳେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ଉପରେ ୯ଟଙ୍କା ୪୮ ପଇସା ଓ ଡିଜେଲ ଲିଟର ପିଛା ୩.୫୬ କେନ୍ଦ୍ରୀୟ ଶୁଳ୍କ କର ଆଦାୟ କରୁଥିଲେ । ଯାହା ଗତ ୭ ବର୍ଷରେ ପେଟ୍ରୋଲ ଉପରେ ୩୦୦ ପ୍ରତିଶତ ଓ ଡିଜେଲ ଉପରେ ୮୦୦ ପ୍ରତିଶତ କର ଆଦାୟ କରାଯାଉଛି । ଏବେ ଏକ ଲିଟର ପେଟ୍ରୋଲ ଉପରେ ୩୨ଟଙ୍କା ୯୦ ପଇସା, ଡିଜେଲ ଉପରେ ୩୧ଟଙ୍କା ୮୦ ପଇସା କେନ୍ଦ୍ରୀୟ ଶୁଳ୍କ ଆଦାୟ କରାଯାଉଥିବା ବେଳେ ରାଜ୍ୟ ସରକାର ପେଟ୍ରୋଲ ଉପରେ ୨୩.୪୦ ଓ ଡିଜେଲ ଉପରେ ୨୦.୮୦ ପଇସା କର ନେଉଛନ୍ତି । ସେହିଭଳି ରନ୍ଧନ ଗ୍ୟାସ ୧୪.୨ କେଜିର ମୂଲ୍ୟ ୨୦୧୪ ମସିହାରେ କଂଗ୍ରେସ ସରକାର ସମୟରେ ୪୧୪ ଟଙ୍କା ଥିବା ବେଳେ ଏବେ ଏହା ୮୬୧ ଟଙ୍କାରେ ପହଁଚିଛି । ଯାହାର ପ୍ରଭାବ ସିଧା ସଳଖ ସାଧାରଣ ଲୋକଙ୍କ ଉପରେ ପଡୁଛି । ତେଲର ଦରବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ଜିନିଷର ଦରବୃଦ୍ଧି ଘଟୁଛି । ରନ୍ଧନ ଗ୍ୟାସ ସିଧାସଳଖ ପରିବାରର ବୋଝ ହେଉଛି । ଡିଜେଲ ଦରବୃଦ୍ଧିରେ ପରିବହନ ବାଧାପ୍ରାପ୍ତ ହେଉଛି । ଏବେ କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କ ଜୀବନଜୀବିକା ଦୁର୍ବିସହ ହୋଇ ପଡ଼ିଥିବା ବେଳେ କେନ୍ଦ୍ର ସରକାରଙ୍କ ତୈଳବୃଦ୍ଧି ବୋଝ ଉପରେ ଲଳିତା ବିଡ଼ା । ସାଧାରଣ ଲୋକ ଏବେ ଅତିଷ୍ଠ ହୋଇ ପଡ଼ିଲେଣି । କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିବା ସହ ପ୍ରତିବାଦ କରିଛି । ଆଜି ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ସୁବ୍ରତ ଦାସ, ଅବଦୁଲ ମୁକିତ ଖାଁ, ଗୋଲକ ମହାପାତ୍ର, ପୀତବାସ ଧଳ, ସେକ୍ ସମ୍‌ଦାନୀ, ଗୋଲାମ ମଇରୁଦ୍ଦିନ, ସେକ୍ ପାପା, ସେକ୍ ଅବଦୁଲ ସଲାମ, ବିଜୟ ବାରିକ, ଅନନ୍ତ ପଣ୍ଡା, ଗୟାଧର ସେଠୀ, କାଳନ୍ଦୀ ଜେନା, ଶଶିକାନ୍ତ ବେହେରା, ଅମୂଲ୍ୟ ଦାସ, ସେକ୍ ସିରାଜୁଦ୍ଦିନ, ସେକ୍ ଜୁଲଫୁକାର, ବରେନ୍ଦ୍ର ମହାପାତ୍ର, ସେକ୍ ଇଲିୟାସ ଅଲୀ ଖାଁ, ହେମନ୍ତ ମହାପାତ୍ର, ଶଶିକାନ୍ତ ଜେନା ପ୍ରମୁଖ ଡିଆଇବି ଅଫିସ୍ ସମ୍ମୁଖରେ ଗଣଧାରଣାରେ ବସି ପ୍ରତିବାଦ କରିଥିଲେ ।

## ଯୋଗ୍ୟ ହତାଧିକାରୀଙ୍କୁ ପକ୍କାଘର ଯୋଗାଇବା ଦାବିରେ ବିଜେପିର ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବଙ୍କୁ ବାସଗୃହ ଆବଂଟନ ପ୍ରସଙ୍ଗରେ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ତାଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ଏକ ମହାଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ରିପୋର୍ଟ ଅନୁଯାୟୀ ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା ହେବା ସହ ପାଖାପାଖି ୧୦୦୦ କୋଟି ଟଙ୍କାର ବାଟମାରଣା ହୋଇଛି । ରାଜ୍ୟରେ ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଯେପରି ବାସଗୃହ ପାଇବାରୁ ବଂଚିତ ନହୁଅନ୍ତି, ସେଥି ପାଇଁ ରାଜ୍ୟ ବିଜେପି ତରଫରୁ ଆଜିଠୁ ୩ ଦିନ ଧରି ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ବିଜେପି ଅଭିଯୋଗ କରିଛି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ, ଗୋଟିଏ ଗୋଟିଏ ପରିବାରରେ ଏକାଧିକ, ଅଯଥା ଅନୁକଂପା ପ୍ରଦର୍ଶନ, ଗୁହାଳକୁ କଚ୍ଚା ଘର ଭାବେ ଜିଓ ଟ୍ୟାଗିଂ କରାଯାଇ ବାସଗୃହ ଆବଂଟନ କରାଯାଇଛି । ଏପରିକି ଏ ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ୱେବସାଇଟରେ ନିର୍ମିତ ଘରର ଡମି/ନକଲି ଏଂଟ୍ରି କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଷ୍ଟିକର ଛୋଟ ଆକାରରେ ଓ ବିଜୁ ପକ୍କା ଘର ଯୋଜନାର ବଡ ଷ୍ଟିକର ଲଗାଯାଇଛି । ପିଏମ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ ନମ୍ବରକୁ ପରିବର୍ତନ କରାଯାଇଛି । ବଲାଙ୍ଗୀର ଜିଲ୍ଲାର ପାଟଣାଗଡରେ ପୂର୍ବତନ ମନ୍ତ୍ରୀ କେ.ଭି.ସିଂହଦେଓ, କଂଟାବାଂଜିରେ ସାଂସଦ ସଂଗୀତା ସିଂହଦେଓ, ଲୋଇସିଙ୍ଗାରେ ବିଧାୟକ ଡ.ମୁକେଶ ମହାଲିଙ୍ଗ; ସମ୍ବଲପୁର ଜିଲ୍ଲା ଜମନକିରାରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଧନକଉଡାରେ ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ; ତାଳଚେରରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ; ଝାରସୁଗୁଡା ଜିଲ୍ଲା କିର୍ମିରା ଓ ଲଇକେରାରେ ବିଧାୟକ ଶଂକର ଓରାମ ଏବଂ ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ; ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲୀ ଓ ଲେଫ୍ରିପଡାରେ ବିଧାୟକ ଭବାନୀ ଭୋଇ ଏବଂ ବିଧାୟିକା କୁସୁମ ଟେଟେ; ଗଜପତି ଜିଲ୍ଲା ଘୁମାରେ ବିଧାୟକ କେ.ନାରାୟଣ ରାଓ ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର; ଭଦ୍ରକ ଜିଲ୍ଲାର ଭଦ୍ରକ ଓ ଚାନ୍ଦବାଲି; ଜଗତସିଂହପୁର ଜିଲ୍ଲାର ତିର୍ତୋଲ; ବରଗଡ ଜିଲ୍ଲାର ଭଟଲି; ସୋନପୁର ଜିଲ୍ଲାର ବିନିକା ବ୍ଲକ ସମେତ ପ୍ରମୁଖ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ବିଡିଓ ଜରିଆରେ ପ୍ରଦାନ କରାଯାଇଥିଲା ।ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ । ଆବାସ ଯୋଜନାରେ ହୋଇଥିବା ମହାଦୁର୍ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଜେପି ପକ୍ଷରୁ ନିଆଯିବ ବୋଲି ପାର୍ଟୀ ତରଫରୁ ସ୍ପଷ୍ଟ ରୂପେ ଘୋଷଣା କରାଯାଇଛି ।

## ୬୪,୨୧୪ ଆପଦଗ୍ରସ୍ତ ଆଦିମ ଜନଜାତି ପରିବାରଙ୍କ ଆକାଉଂଟକୁ ଗଲା ୫୦୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସହାୟତା ଘୋଷଣା

ଭୁବନେଶ୍ୱର:ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୬୪,୨୧୪ଟି ଆପଦଗ୍ରସ୍ତ ଆଦିମ ଜନଜାତି ପରିବାରକୁ (ପିଭିଟିଜି) ୫୦୦୦ ଟଙ୍କା ଲେଖାଏଁ 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ ସହାୟତା ' ପ୍ରଦାନ କରିଛନ୍ତି । କୋଭିଡର ଦ୍ୱିତୀୟ ଲହରୀରେ ଏହି ଆଦିମ ଜନଜାତି ପରିବାର ମାନଙ୍କୁ ଆର୍ଥିକ ସୁରକ୍ଷା ଦେବା ପାଇଁ ଏହି ସହାୟତା ପ୍ରଦାନ କରାଯାଇଛି । ଏହା ସମସ୍ତଙ୍କ ବ୍ୟାଙ୍କ ଆକାଉଂଟକୁ ପ୍ରଦାନ କରାଯାଇଛି । ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ଜାଣେ କାରୋନା ରୋଗ ଯୋଗୁଁ ଗରିବ ଲୋକଙ୍କ ରୋଜଗାର ଉପରେ ବହୁତ ପ୍ରଭାବ ପଡିଛି । ଆପଣମାନଙ୍କ ରୋଜଗାର ଉପରେ ମଧ୍ୟ ବହୁତ ପ୍ରଭାବ ପଡିଛି । ଏ ବିପଦ ସମୟରେ ଆପଣମାନେ ଏକା ନୁହନ୍ତି । ଆପଣଙ୍କ ସାଥିରେ ସରକାର ଅଛନ୍ତି । ଆପଣଙ୍କ କଲ୍ୟାଣ ପାଇଁ ସରକାର କାମ କରୁଛି । ପିଭିଟିଜି ଜନଜାତି ଭାଇ ଭଉଣୀଙ୍କ ମଧ୍ୟରୁ ୩୦୦ ରୁ ଅଧିକ ଲୋକ କାରୋନାରେ ପୀଡିତ ଥିଲେ । ସେତେବେଳେ ସେମାନଙ୍କୁ ୨୫୦୦ ଟଙ୍କାର ରାସନ୍ କିଟ୍ ଦିଆଯାଇଥିଲା । ତା ସହିତ ମଜୁରୀ କ୍ଷତି ଭରଣା ପାଇଁ ୧୪୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କରୋନା ବିଷୟରେ ଆମେ ବିଶେଷ କିଛି ଜାଣି ନାହୁଁ । ତେଣୁ ଆମକୁ ସାବଧାନ ରହିବାକୁ ହେବ । ମାସ୍କ ପିନ୍ଧିବା , ବାରମ୍ବାର ସାବୁନରେ ହାତ ଧୋଇବା ଓ ଭିଡରୁ ଦୂରରେ ରହିଲେ କାରୋନା ଆମଠାରୁ ଦୂରେଇଯିବ । ତା ସହିତ ସମସ୍ତଙ୍କ ପାଇଁ ଦୁଇ ଡ଼ୋଜ ଟୀକା ଖୁବ ଜରୁରୀ । ସେମାନଙ୍କ ମଧ୍ୟରୁ ଅନେକ ଜଣ ଟୀକା ନେଲେଣି ଜାଣି ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିବା ସହିତ ସମସ୍ତେ ଟୀକା ନିଅନ୍ତୁ , ନିଜ ପରିବାର , ବନ୍ଧୁ ସମସ୍ତଙ୍କୁ ଟୀକା ନେବାକୁ କୁହନ୍ତୁ ବୋଲି ଅନୁରୋଧ କରିଥିଲେ । ଆଜି ମଧ୍ୟ ୬୦,୦୦୦ ଏସସି ଓ ଏସଟି ଛାତ୍ର ଛାତ୍ରୀଙ୍କୁ ଏପ୍ରିଲ, ମେ ଓ ଜୁନ ଏ ତିନି ମାସ ପାଇଁ ଏକକାଳୀନ ପ୍ରାକ ମାଟ୍ରିକ ଛାତ୍ରବୃତି ଦିଆଗଲା । ଏହା ପିଲାଙ୍କ ବାପା ମା' ଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଛି । ଝିଅ ମାନଙ୍କ ପାଇଁ ୨୪୦୦ ଟଙ୍କା ଓ ପୁଅ ମାନଙ୍କ ପାଇଁ ୨୨୫୦ ଟଙ୍କା ଦିଆଯାଇଛି । ସମୁଦାୟ ୫ ଲକ୍ଷରୁ ଅଧିକ ଛାତ୍ର ଛାତ୍ରୀ ଏହି ସୁବିଧା ପାଇବେ ।ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ , ମୁଁ ଆଶା କରୁଛି ତୁମେ ମାନେ ଘରେ ମଧ୍ୟ ନିଜ ପାଠ ପ୍ରତି ଧ୍ୟାନ ଦେବ । ମୁଁ ଚାହେଁ ତୁମେ ମାନେ ଭଲ ପାଠ ପଢ । ବଡ ମଣିଷ ହୁଅ । ତୁମ ପରିବାର , ତୁମ ଗାଁ , ତୁମ ସମାଜକୁ ବିକାଶ ସହ ଯୋଡି ପରିବର୍ତନର ସାରଥି ହୁଅ ।"ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଏହି ସହାୟତା ଦ୍ୱାରା ଜନଜାତି ସମୁଦାୟଙ୍କ ଆର୍ଥିକ, ସାମାଜିକ ବିକାଶ ହେବା ସହିତ ସେମାନଙ୍କ ମନୋବଳ ମଧ୍ୟ ବୃଦ୍ଧି ପାଇବ ।

## ରାଷ୍ଟ୍ରୀୟ ଏକତା କ୍ଷେତ୍ରରେ ସ୍ୱାମୀ ନିଶ୍ଚଳାନନ୍ଦ ଜଣେ ଅଗ୍ରଗଣ୍ୟ ସନ୍ଥ

ଭୁବନେଶ୍ୱର : ଆଦିଶଙ୍କରଙ୍କ ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୭୮ତମ ପ୍ରକଟ ଉତ୍ସବ ଆଜି ରାମରାଜ୍ୟ ପରିଷଦ ପକ୍ଷରୁ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଜୁମ୍ ଭିଡ଼ିଓ ଯୋଗେ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ୧୯୯୨ ମସିହାରେ ପୂଜ୍ୟପାଦ ଗୁରୁଜୀ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ଭାବେ ଅଧିଷ୍ଠିତ ହେବା ଦିନଠାରୁ, ହିନ୍ଦୁଧର୍ମ ଓ ଗୋମାତାର ସୁରକ୍ଷା ପାଇଁ ବିଶେଷ ଭାବରେ ଭାରତବର୍ଷର ଏକତା ଅଖଣ୍ଡତା ପାଇଁ ବର୍ଷକୁ ୨୫୦ଦିନ ଭାରତଭ୍ରମଣ କରିଥାନ୍ତି । ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ଗୁରୁଜୀ ଜଣେ ପ୍ରଚଣ୍ଡ ବିଦ୍ୱାନ, ବୈଦିକ ଗଣିତରେ ସାରା ବିଶ୍ୱରେ ସେ ହିଁ ଏକମାତ୍ର ବ୍ୟକ୍ତି, ଗଣିତର ସମସ୍ତ ସୂତ୍ରକୁ ବେଦର ସୂତ୍ର ଅନୁସାରେ ସମାଧାନ କରିବାରେ ସକ୍ଷମ ।ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ବଂଶ ପରମ୍ପରା କ୍ରମେ ଗୁରୁଜୀଙ୍କ ପରିବାର ଏକ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ଶାଣ୍ଡିଲ୍ୟ ଗୋତ୍ରିୟ ବ୍ରାହ୍ମଣ ପରିବାର । ପରିବାରରେ ଛାପରେ ଗୁରୁଜୀ ସମ୍ପୂର୍ଣ୍ଣ ଭାବେ ମହିମା ମଣ୍ଡିତ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବୈଦିକ ସ୍ୱସ୍ତିବାଚନ ଓ କାର୍ଯ୍ୟକ୍ରମର ସଂଯୋଜକ ଶିକ୍ଷାବିତ ଡଃ ବଦ୍ରୀନାଥ ପଟ୍ଟନାୟକ ଗୁରୁଜୀଙ୍କ ଅଧ୍ୟାତ୍ମ୍ୟ ବିଷୟରେ ଆଲୋଚନା କରିଥିଲେ । ବୁଦ୍ଧ ମନ୍ଦିରର ସମ୍ପାଦକ ତଥା ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଏକ ବୈଦିକ ଯଜ୍ଞ ସ୍ୱାମୀ ସ୍ୱର୍ଣ୍ଣ ଭବନଠାରେ ପଣ୍ଡିତ ଡଃ ନିରଞ୍ଜନ ବ୍ରହ୍ମା ଓ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା ।ଆଜିର କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଡଃ ଜ୍ଞାନରଞ୍ଜନ ପଣ୍ଡା, ପ୍ରଫେସର ବୁଦ୍ଧଦେବ ମିଶ୍ର, ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମର ଅଧ୍ୟକ୍ଷ ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ଆଇ.ଜି. ଅରୁଣ କୁମାର ଉପାଧ୍ୟାୟ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଡଃ ଆର୍ତତ୍ରାଣ ମିଶ୍ର ପ୍ରମୁଖ ଗୁରୁଜୀଙ୍କ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କୁ ଗୁରତ୍ୱ ଦେବା ପାଇଁ କରୁଥିବା ଦାବୀକୁ ସରକାର ଗ୍ରହଣ କରିବା ଉଚିତ୍ ବୋଲି କହିଥିଲେ ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

## ଦରଦାମ ବୃଦ୍ଧି ପ୍ରତିବାଦରେ ରାସ୍ତାରେ ଘଂଟ, ଥାଳି ପିଟିଲା କଂଗ୍ରେସ

ଭୁବନେଶ୍ୱର : କରୋନା ମହାମାରୀ ପରିଚାଳନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି । କରୋନା କଟକଣାକୁ ନେଇ ସାଧାରଣ ଜନତା ବର୍ତମାନ ଜୀବିକା ହରାଇ ଜୀବନ ବଂଚାଇବାକୁ ସଂଘର୍ଷ କରୁଥିବା ବେଳେ ତୈଳ ଦର, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସାଙ୍ଗକୁ କୃଷକ ମାରଣନୀତି, ଶ୍ରମିକ ମାରଣନୀତି ଓ ଜନମାରଣ ନୀତି ସାଧାରଣ ଲୋକଙ୍କ ପାଇଁ ବୋଝ ଉପରେ ଲଳିତାବିଡ଼ା ସଦୃଶ ହୋଇଛି । ପି.ସି.ସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ବିଭିନ୍ନ ବ୍ଲକ ଆଉ ସଦର ମହକୁମାରେ କଂଗ୍ରେସ କର୍ମୀ ଓ ନେତୃବୃନ୍ଦମାନେ ଅଭିନବ ଉପାୟରେ ପ୍ରତିବାଦ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ, ପ୍ରଦେଶ ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ସେବାଦଳର ମିଳିତ ସହଯୋଗରେ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଉପାୟରେ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ଝାଞ୍ଜ, ଘଂଟ , ଖଞ୍ଜଲି, ଥାଳି, ତାଟିଆ, କଂସା ଆଦି ବଜାଇ ତୈଳଦର ବୃଦ୍ଧିର ପ୍ରତିବାଦ ଜଣାଇଥିଲେ । ସେମାନେ କହିଥିଲେ ଏହି କରୋନା ମହାମାରୀ ବିପଦ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ୍ ଓ ଡିଜେଲ୍‌ରେ ଟ୍ୟାକ୍ସ ଓ ଭାଟ୍ ବଢାଇ ତୈଳ ଦର ବୃଦ୍ଧି କରି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି । ସେହିପରି ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି କରି ସିଧା ହାଣ୍ଡିଶାଳରେ ଚୋଟ ମାରିଛନ୍ତି । ୨୦୧୪ ମସିହା ପୂର୍ବରୁ କଂଗ୍ରେସ ସରକାର ଥିବାବେଳେ ତୈଳଦର କିଛି ପଇସା ବଢୁଥିଲା ସେତେବେଳେ ବିଜେଡ଼ି, ବିଜେପି ରାଜରାସ୍ତାକୁ ଆସି ପ୍ରତିବାଦ କରୁଥିଲେ । ସେତେବେଳେ ପେଟ୍ରୋଲ୍ ଦର ୭୦ ଟଙ୍କା ଏବଂ ଡିଜେଲ୍ ଦର ୫୩ଟଙ୍କା ଥିଲା । ସେତେବେଳେ ଆନ୍ତର୍ଜାତିକ ବଜାରରେ ବ୍ୟାରେଲ୍ ପିଛା ୧୧୦ ରୁ ୧୪୦ ଡଲାର ଥିଲାବେଳେ ବର୍ତମାନ ୫୦ ରୁ ୬୫ ଡଲାର ମଧ୍ୟରେ ରହିଛି । କିନ୍ତୁ ଏବେ ଦେଶ ଓ ରାଜ୍ୟରେ ଉଭୟ ପେଟ୍ରୋଲ୍ ଓ ଡିଜେଲ୍ ଲିଟର ପିଛା ୧୦୦ ଟଙ୍କା ପାର୍ କରିଗଲାଣି । ଏବେ ବିଜେଡ଼ି ଓ ବିଜେପି କାହିଁକି ଚୁପ୍ ଅଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଏହି ପ୍ରତିବାଦ ଜଣାଇବା ସମୟରେ ସେହି ରାସ୍ତା ଦେଇ ଯାଉଥିବା ସାଧାରଣ ଜନତା ସଭାରେ ଯୋଗଦେଇ ତୈଳଦର ବୃଦ୍ଧିର ପ୍ରତିବାଦର ଦୃଢ ସମର୍ଥନ କରିଥିଲେ । ଏହି ପ୍ରତିବାଦ ସଭାରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ପି.ସି.ସି. ସଭାପତି ଶରତ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କମିଟି ସଭାପତି ବିଶ୍ୱଜିତ୍ ଦାସ, ଛାତ୍ର କଂଗ୍ରେସ ସଭାପତି ୟସିର୍ ନବାଜ୍, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, ରଶ୍ମି ମହାପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
**ପର୍ଯ୍ୟବେକ୍ଷକ**
PARYABEKHYAK
पर्यवेक्षक






Bhubaneswar Friday July 09, 2021 | ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୦୯,୨୦୨୧ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


# ବିଜେପି ପକ୍ଷରୁ ବ୍ଲକ ଘେରାଉ

ଝୁମ୍ପୁରା: ଝୁମ୍ପୁରା ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ଗୁରୁବାର ଦିନ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଝୁମ୍ପୁରା ଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ଦେବା ସହିତ ବ୍ଲକ ଘେରାଉ କରାଯାଇଥିଲା । ଭାରତୀୟ ଜନତା ପାର୍ଟି ପକ୍ଷରୁ ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ପାଖରୁ ଏକ ରାଲୀ କରାଯାଇ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ନିଟରେ ପହଁଚିଥିଲେ । ୧୬ ନମ୍ବର ଜୋନର ଜିଲ୍ଲାପରିସଦ ସଭ୍ୟ ଅନୁବ୍ରତ ବେହେରା (ବାଦଲ ଭାଇ) ଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ କରାଯାଇଥିଲା । କର୍ମୀ ତଥା ନେତା ମାନେ ଦୁର୍ନୀତି ସମ୍ବନ୍ଧରେ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ର ବିଧାୟକ ମୋହନଚରଣ ମାଝୀ, ଭବାନିଶଙ୍କର ନାଏକ,ସୁନିଲ କୁମାର ମହାନ୍ତି,ମହେନ୍ଦ୍ର ପଟ୍ଟନାୟକ,ଅନିତା ମାର୍ଣ୍ଡି,ଉମାକାନ୍ତି ମହାନ୍ତି, ଲକ୍ଷ୍ମଣ କୁମାର ରାଉତ,ହରିହର ପ୍ରଧାନ,ଜୟଦ୍ ଆନସାରୀ,ମହମ୍ମଦ ମଝର ପ୍ରମୁଖଙ୍କ ସହିତ ବହୁ କର୍ମୀ ଉପସ୍ଥି ରହିଥିଲେ । ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଦାନ କରାଯାଇଥିବା ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ,ତଦନ୍ତି କରିବା ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ରାଜ୍ୟର ୫ଟି ଜିଲ୍ଲାର ୯ଟି ବ୍ଲକରେ ୧୫ଟି ପଚାଂୟତରେ ସରଜମିନ୍ ତଦନ୍ତି କରିଥିଲେ ଓ ରାଜ୍ୟ ସରକାରଙ୍କ ଅନିୟମିତତା ବାବଦରେ ବହୁ ଗୁରୁତ୍ୱପୂର୍ଣ୍ଣ ଏକ ଦସ୍ତାବିଜ୍ କେନ୍ଦ୍ରସରକାରଙ୍କୁ ଦାଖଲ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି । ପାଖାପାଖି ୯୮୫୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ନାମ ଓଭରରାଇଡ୍ କରି ପରିବର୍ତନ କରାଯାଇଛି ଯାହାଦ୍ୱାରା ପାଖାପାଖି ୧ ହଜାର କୋଟି ଟଙ୍କା ଦୁର୍ନିତୀ ହୋଇଥିବା ଅନୁଭବ ହେଉଛି । ଭୂତ ଏବଂ ଡୁପ୍ଲିକେଟ୍ ନାମ ତାଲିକା ଯୋଡି ଅନିୟମିତତା ,ହିତାଧିକାରୀଙ୍କର ଆକାଉଂଟ୍ ନମ୍ବର ପରିବର୍ତନ, ଅଯୋଗ୍ୟ ହିତାଧିକାରୀଙ୍କ ଗୁହାଳ ଘରକୁ ଜିଓ ଟ୍ୟାଗିଂ କରି ତାଙ୍କ ନାମକୁ ତାଲିକାରେ ଅନ୍ତର୍ଭୁକ୍ତ , ଅନେକ ଘର ପ୍ଲାଷ୍ଟରିଂ, ମେଜିଆ, ପାଇଖାନା, ରୋଷେଇଘର, ରଂଗ କାର୍ଯ୍ୟ ଆଦି ଅସମ୍ପୂର୍ଣ୍ଣ ଥିଲେ ସୁଦ୍ଧା ତାକୁ ସମ୍ପୂର୍ଣ୍ଣ ବୋଲି ଦର୍ଶାଇବା, ଏକନ୍ନବର୍ତୀ ପରିବାର ଭିତରେ ସଂଖ୍ୟାଧିକ ହିତାଧିକାରୀ ଘର ପାଇବା ଆଦି ଉଲ୍ଲେଖ ରହିଛି । ଏହି ଗରିବ ଲୋକଙ୍କ ଅର୍ଥକକୁ ଚୋରୀ କରିଥିବା ଅଧିକାରୀ ଙ୍କ ବିରୋଧରେ ଦୃଷ୍ଟାନ୍ତିମୂଳକ ଦଣ୍ଡ ବିଧାନ କରାଯାଉ । ଫଳସ୍ୱରୂପ ଆଗାମୀ ଦିନରେ ରାଜ୍ୟରେ ଭ୍ରଷ୍ଟାଚାରୀ ବିରୋଧୀ ଅଭିଯାନର ଏକ ବିରାଟ ବିଜୟ ହେବ । ତେବେ ଏନେଇ ବିଜେପି ର କର୍ମକର୍ତାମାନେ ଦାବୀପତ୍ର ସ୍ଥନୀୟ ବିଡିଓ ବିଜୟ କୁମାର ନାୟକଙ୍କୁ ପ୍ରଦାନ କରି ମହାମହିମ ରାଜ୍ୟପାଳ ନିକଟକୁ ପଠାଇବା ପାଇଁ ଅନୁରୋଧ କରିଥିଲେ ।

## ଖଳିସାହିରେ ଟୀକାଦାନ କେନ୍ଦ୍ର ଯୋଗୁଁ ଅଂଚଳବାସୀ ଖୁସ

ଖଣ୍ଡପଡା: ବାରମ୍ବାର ଦାବି ପରେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ପଂଚାୟତର ଖଳିସାହି ଗ୍ରାମରେ ଏକ ଟୀକାଦାନ କେନ୍ଦ୍ର ଖୋଲା ଯାଇଛି । ଫଳରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । ଖଳିସାହି ପଂଚାୟତ ଅଧିନ ବିଭିନ୍ନ ଗ୍ରାମରୁ ଶହଶହ ଜନସାଧାରଣ ଟୀକା ନେବା ନିମନ୍ତେ ଟୀକାଦାନ କେନ୍ଦ୍ରରେ ଭିଡ ଜମାଇଥିବା ପରିଲକ୍ଷିତ ହେଉଛି । ଏଥି ପୂର୍ବରୁ ଟୀକା ନେବା ନିମନ୍ତେ ଖଳିସାହି ପଂଚାୟତବାସୀ ରାତି ସାରା ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଜାଗର ରହି ଲମ୍ବା ଧାଡିରେ ଛିଡା ହୋଇ ଟୀକା ନେଉଥିଲେ । ପଂଚାୟତବାସୀ ଏ ସଂପର୍କରେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଗୋଛାବାରୀ-ଖଜୁରିଆ ରାସ୍ତା ପାର୍ଶ୍ୱରେ ଚାରା ରୋପଣ



ଖଣ୍ଡପଡା:ଖଣ୍ଡପଡା ବନ ବିଭାଗ ପକ୍ଷରୁ ୭୧ ତମ ବନ ମହୋତ୍ସବ ଅବସରରେ କିଆଝର ପଂଚାୟତ ଅଧିନ ଗୋଛାବାରୀ ଗ୍ରାମଠାରୁ ନିକଟସ୍ଥ ବଡଖଜୁରିଆ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି । ପଥପାର୍ଶ୍ୱ ବନୀକରଣ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ ୧୦୦ରୁ ଉର୍ଦ୍ଧ ଚାରା ରୋପଣ କରାଯାଇଥିବା ସିଂଘାପଡା ବନପାଳ ପ୍ରଫୁଲ୍ଲ କୁମାର ନାୟକଙ୍କ ଠାରୁ ପ୍ରକାଶ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଆଝର ପଂଚାୟତ ସରପଂଚ ଚନ୍ଦ୍ରକାନ୍ତ ବଳିୟାରସିଂ, ଯୁବ ସଂଗଠକ ପବିତ୍ର ଦାସଙ୍କ ସମେତ ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇଥିଲେ । ପର୍ଯ୍ୟାୟ କ୍ରମେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି ନିମନ୍ତେ ୧ ହଜାରରୁ ଉର୍ଦ୍ଧ ଚାରା ରୋପଣ କରାଯିବ ବୋଲି ବନପାଳ ଶ୍ରୀ ନାୟକଙ୍କ ଠାରୁ ପ୍ରକାଶ ।

## କାମଚଳା ଅଧିକାରୀଙ୍କୁ ନେଇ ଚାଲିଛି ଖଣ୍ଡପଡା ବ୍ଲକ

ଖଣ୍ଡପଡା:ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ କର୍ମଚାରୀଙ୍କ ଅଭାବ ଯୋଗୁଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଗତ ୪ମାସରୁ ଉର୍ଦ୍ଧ ସମୟ ଧରି ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପଦବୀ ଖାଲି ପଡିଥିବା ବେଳେ ଗତ ୧ ମାସ ଧରି ବ୍ଲକ ଉନ୍ନୟନ ଅଧିକାରୀ ପଦବୀ ଖାଲି ପଡିଛି । ବିଡିଓ ପ୍ରମୋଦ କୁମାର ନାଏକ ନୟାଗଡ ଜିଲ୍ଲା ଅଧିନ ନୂଆଗାଁ ବ୍ଲକକୁ ଏଠାରୁ ବଦଳି ହୋଇ ଯିବା ପରେ ଏଠାରେ ବିଡିଓ ଭାବେ ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ । ଶ୍ରୀ ନାଏକ ନୂଆଗାଁ ବ୍ଲକ ଦାୟିତ୍ୱ ସହ ଖଣ୍ଡପଡା ବ୍ଲକରେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ତେଣୁ କାମଚଳା ଅଧିକାରୀଙ୍କୁ ନେଇ ଚାଲିଥିବା ଖଣ୍ଡପଡା ବ୍ଲକରେ ବେଳକୁ ବେଳ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଉଛି । ଏଥିପ୍ରତି ନୟାଗଡ ଜିଲ୍ଲାପାଳ, ରାଜ୍ୟ ସରକାରଙ୍କ ପଂଚାୟତିରାଜ ବିଭାଗ ସଚିବ ଓ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଅନନ୍ୟ ପ୍ରତିଭା ଡ.ଶମ୍ଭୁନାଥ ରାଉତଙ୍କୁ ସମ୍ବର୍ଦ୍ଧନା

ଘଷିପୁରା: ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାଦିନରୁ ସମାଜ ସେବା କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ଗରୀବ ସେବା ସଦରନ ପ୍ରତିଷ୍ଠାତା ତଥା ସଭାପତି ଡ.ଶମ୍ଭୁନାଥ ରାଉତ । ରାଜ୍ୟର ବିଭିନ୍ନ ସ୍ଥାନରେ ଓଡିଶା ସରକାରଙ୍କ ପ୍ରଶାସନିକ ଅଧିକାରୀ ଭାବେ ଯୋଗ ଦେଇଥିବା ବେଳେ ସେ ସାହିତ୍ୟ ଓ ସେବାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି । ସଦ୍ୟ ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀରୁ ଅବସର ଗ୍ରହଣ କରିବା ପରେ ନିଜକୁ ପୂର୍ଣ୍ଣକାଳୀନ ସମାଜ ସେବାରେ ନିୟୋଜିତ କରିବାର ଶପଥ ଗ୍ରହଣ କରିଛନ୍ତି । ଅବସର ଖବର ପାଇବା ପରଠାରୁ ନିଜ ଅଂଚଳ ତଥା ଜିଲ୍ଲାର ବିଭିନ୍ନ ସଂସ୍ଥା ସାହିତ୍ୟ ସଂସଦ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନ୍ଧୁମାନଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟିଛି । ଆଜି ହାଟଡିହିର ମା'ତାରିଣୀ କଳାକାର ପରିଷଦ, କେନ୍ଦୁଝରର ସଦସ୍ୟ/ସଦସ୍ୟା ପୁରୁଣିଆସ୍ଥିତ ଡ. ରାଉତଙ୍କ ବାସଭବନରେ ପହଂଚି ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରିବା ସହ ତାଙ୍କର ନିରାମୟ ଭବିଷ୍ୟ ଜୀବନ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଅନାଦି ଚରଣ କବି, ସମ୍ପାଦକ ରୋହିତ କୁମାର ପୃଷ୍ଟି, ମୁଖ୍ୟ ଉପଦେଷ୍ଟା ବାବାଜୀ ଚରଣ ଜେନା, ସହସମ୍ପାଦକ ରମାକାନ୍ତି ଶଙ୍ଖୁଆ, ନାରାୟଣ ଜେନା, ବାସନ୍ତି ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଠକେଇ ଓ ଅର୍ଥ ଲୁଟ ଅଭିଯୋଗରେ କାନାର ବ୍ୟାଙ୍କର ପରିଚାଳକ ଗିରଫ

କେନ୍ଦ୍ରାପଡ଼ା, ଏକ ଠକେଇ ଓ ଅର୍ଥଲୁଟ ଅଭିଯୋଗରେ କେନ୍ଦ୍ରାପଡା କାକଟସ୍ଥିତ କାନାରା ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକଙ୍କୁ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ଠାରୁ ସୂଚନା ମିଳିଛି । ଅଭିଯୋଗ ଅନୁଯାଇ ଗତ ୨୦୧୩ ମସିହାରେ କେନ୍ଦ୍ରାପଡା କାନାରା ବ୍ୟାଙ୍କର ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିବା ପୁରୀ ଜିଲ୍ଲାର କୁମ୍ଭାରପଡା ଥାନା ଅନ୍ତର୍ଗତ ମାଟିଆପଡା ଗ୍ରାମର ସ୍ୱର୍ଗତ ଗୋପିନାଥ ମହାନ୍ତିଙ୍କ ପୁଅ ମନମୋହନ ମହାନ୍ତି କେନ୍ଦ୍ରାପଡା ସହରର ସାନ୍ତସାହି ଗ୍ରାମର ସତ୍ୟଜିତ ଦାସଙ୍କ କାକଟସ୍ଥିତ କାନାରା ବ୍ୟାଙ୍କ ଆକାଉଁଟରୁ ଋଣ କରାଇଦେବାକୁ କହି ଗଫଲତି କରି ୧୩ ଲକ୍ଷ ଟଙ୍କା ଉଠାଇନେଇଥିବା ସମ୍ପର୍କରେ ସତ୍ୟଜିତ ଟାଉନ ଥାନାରେ ଗତ ୨୦୧୬ମସିହାରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା କେଶ ନମ୍ବର ୨୦୩/୨୦୨୧ରେ ଆଇ.ପି.ସି.ର ଦଫା ୪୨୦, ୪୬୮, ୪୭୧ ଓ ୩୨୪ଦଫାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । ପରେ ପରିଚାଳକ ଶ୍ରୀ ମହାନ୍ତି ଏଠାରୁ ବଦଳି ହୋଇ ଚାଲିଯାଇଥିଲେ । ସେହି ଘଟଣାର ତଦନ୍ତ କରି ତଦନ୍ତକାରୀ ଅଧିକାରୀ ଟାଉନ ଥାନାର ଅତିରିକ୍ତ ଆଇ.ଆଇ.ସି. ସାଇମନ ଲାକ୍ରା ଅଭିଯୁକ୍ତ ପୂର୍ବତନ କେନ୍ଦ୍ରାପଡା କାନାରାବ୍ୟାଙ୍କ ଶାଖା ପରିଚାଳକ ମନମୋହନ ମହାନ୍ତିଙ୍କୁ ତାଙ୍କ ଭୁବନେଶ୍ୱର ଶହୀଦନଗରସ୍ଥିତ ବାସଭବନରୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

## ମାଙ୍କଡଙ୍କ ଦୌରାତ୍ମ, ଅଂଚଳବାସୀ ଅତିଷ୍ଠ

ଖଣ୍ଡପଡା:ଖଣ୍ଡପଡା ଅଂଚଳରେ ହନୁମାଙ୍କଡଙ୍କ ଦୌରାତ୍ମ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ରାତି ପାଇଲେ ପଲ ପଲ ମାଙ୍କଡ ଘର ଦ୍ୱାର ଛାଡୁ ନାହାନ୍ତି । ସୁବିଧା ସୁଯୋଗ ଦେଖି ଲୋକଙ୍କ ଘରେ ପଶି ମାଙ୍କଡ ଗୁଡିକ ଯାହା ପାଇଲେ ତାହା ନେଇ ପଳାଇ ଯାଉଛନ୍ତି । ମାଙ୍କଡଗୁଡିକ ଘରେ ପଶି ବିସ୍କୁଟ ଡବା, ପନି ପରିବା ସମେତ ଖାଇବା ସାମଗ୍ରୀ ଗୁଡିକ ନେଇ ପଳାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏପରିକି ରୋଷେଇ ଘରେ ମାଙ୍କଡ ଗୁଡିକ ପଶି ଯାଉଥିବାରୁ ବିଶେଷ କରି ମହିଳାମାନେ ଭୟଭୀତ ହୋଇ ପଡୁଛନ୍ତି । ସମୟେ ସମୟେ ମାଙ୍କଡ ଗୁଡିକ ଲୋକ ମାନଙ୍କୁ ଅତର୍କିତ ଭାବେ କାମୁଡି ଦେଉ ଥିବାରୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହେଉଛି । ମାଙ୍କଡଙ୍କ ଦୌରାତ୍ମରେ ଅଂଚଳବାସୀ ଅତିଷ୍ଠ ହୋଇପଡିଥିବା ବେଳେ ଖଣ୍ଡପଡା ବନବିଭାଗ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## କେନ୍ଦୁଝର ଆଇନସେବା ପ୍ରାଧିକରଣ ଦ୍ୱାରା ବୃକ୍ଷରୋପଣ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମେଗା ନର୍ସରୀ, ପଦ୍ମପୁରଠାରେ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ବେଣୁଧର ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ଜଜ୍ ଦୀପ୍ତିରନ କାନୁନ୍‌ଗୋ,ଅତିରିକ୍ତ ଜିଲ୍ଲା ଜଜ୍ ଲୋକନାଥ ସାହୁ,ପ୍ରାଧିକରଣର ସଚିବ ସୌଦାମିନୀ ବିଶ୍ୱାଳ, ରେଜିଷ୍ଟ୍ରାର ମମତା ମହାନ୍ତି,ବରିଷ୍ଠ ଦେୱାନୀ ବିଚାରପତି ପରିତୋଷ କୁମାର ସେଠୀ,ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶରତ ସହୁ,ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିପ୍ରା ପ୍ରିୟଦର୍ଶିନୀ ସାହୁ,ସ୍ଥିତପ୍ରଜ୍ଞ ବିଶ୍ୱାଳ,ଡିଏଫ୍‌ଓ ସ୍ୱୟମ ମଲ୍ଲିକ,ଏସିଏଫ୍ ଅଜୟ କୁମାର ସାହୁ,ରେର ପ୍ରଭାତ କୁମାର କୁଅଁର,ଫରେଷ୍ଟର ରାମ ନାୟକ,ଫରେଷ୍ଟର କାଳନ୍ଦୀ ସାମଲ,ଫରେଷ୍ଟ ଗାର୍ଡ ରାଜେନ୍ଦ୍ର ଜେନା,ସିଭିଲ କୋର୍ଟ କେନ୍ଦୁଝରର କର୍ମଚାରୀ,ପ୍ରାଧିକରଣର କର୍ମଚାରୀ,ପ୍ୟାନେଲ ଅଧିବକ୍ତା,ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ବନ କର୍ମଚାରୀମାନେ ଯୋଗଦେଇ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ସୌଦାମିନୀ ବିଶ୍ୱାଳ ପରିଚାଳନା କରିଥିଲେ ।

## ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ଭଗାମୁଣ୍ଡା: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ବାଘନାଳ ନିକଟରେ ଏକ ୧୦୮ଆମ୍ବୁଲାନ୍ସ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାରୁ ରୋଗୀ ନେଇ ଉକ୍ତ ଆମ୍ବୁଲାନ୍ସ ଗାଡିଟି କଟକ ବଡ ମେଡିକାଲରେ ଛାଡି ଫେରୁଥିବା ସମୟରେ ଡ୍ରାଇଭରର ଆଖି ଲାଗିଯିବାରୁ ରାତି ପ୍ରାୟ ୨ଟା ସମୟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲା ।

## କମ୍ପ୍ୟୁଟର ଶିକ୍ଷକଙ୍କ ପୁନଃ ନିଯୁକ୍ତି ଦାବୀ




କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ର କମ୍ପୁଟର ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଦାବୀରେ ଶତାଧିକ କମ୍ପୁଟର ଶିକ୍ଷକ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ଜିଲ୍ଲାରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୨୧ ଜଣ କମ୍ପୁଟର ଶିକ୍ଷକ/ଶିକ୍ଷୟିତ୍ରୀ ବହୁ କମ ଦରମାରେ କାମ କରୁଥିଲେ । ମାତ୍ର ସରକାରୀ କମ୍ପୁଟର ଶିକ୍ଷକ ମାନଙ୍କୁ ୨୦୧୯ ମସିହା ଅପ୍ରିଲ ମାସରେ ସମସ୍ତ କମ୍ପୁଟର ଶିକ୍ଷକମାନଙ୍କୁ ଛଟେଇ କରିଥିଲେ । ଏହା ପରେ କାମ ନ ପାଇ କମ୍ପୁଟର ଶିକ୍ଷକ ଘରେ ବସିଥିବାବେଳେ ଦୀର୍ଘଦିନ ଦାବୀ ଜଣାଇବା ପରେ ମଧ୍ୟ ସରକାର ଏହାର ସୁବିଚାର କରୁନାହାଁନ୍ତି । ବିଦ୍ୟାଳୟ ରେ ହୋଇଥିବା ଆଇସିଟି ଲ୍ୟାବ ମଧ୍ୟ ବ୍ୟବହାର ହେଉନଥିବାରୁ ନଷ୍ଟ ହେବାକୁ ବସିଲାଣି । ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ କମ୍ପୁଟର ଶିକ୍ଷାର ଆବଶ୍ୟକତା ରହିଛି । ଛାତ୍ରଛାତ୍ରୀଙ୍କ ପାଠପଢା ଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଅନଲାଇନରେ କରାଯାଉଛି । ଏପରିସ୍ଥଳେ ଛଟେଇ କମ୍ପୁଟର ଶିକ୍ଷକମାନଙ୍କୁ ପୁନଃ ନିୟୋଜିତ କରିବା ସହ ସେମାନଙ୍କ ଚାକିରୀ ନିୟମିତ କରିବା ପାଇଁ ଦାବୀ ହୋଇଛି । ସରକାରୀ ସ୍କୁଲରେ ଉପସ୍ଥାନ ବୃଦ୍ଧି ପାଇଁ କମ୍ପୁଟର ବିଷୟକୁ ବାଧ୍ୟତାମୂଳକ କରିବା,ଏବେ ଚାଲିଥିବା ୟୁ-ଟ୍ୟୁବ କ୍ଲାସ ତଥା ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ,ଇ -ପାଠଶାଳାରେ ଛଟେଇ କମ୍ପୁଟର ଶିକ୍ଷକ ମାନଙ୍କୁ ପୁନଃ ନିଯୁକ୍ତି କରି ସାମିଲ କରିବା ପାଇଁ ଆଇ.ସି.ଟି ବିଦ୍ୟାଳୟ ସଂଯୋଜକ ସଂଘ କେନ୍ଦୁଝର ଶାଖା ପକ୍ଷରୁ ଦାବୀ କରାଯାଇଛି । ସଂଘ ସଭାପତି ଭିଦିତ୍ କୁମାର ବେହେରା,ସମ୍ପାଦକ ଅମୂଲ୍ୟ କୁମାର ସେଠୀଙ୍କ ନେତୃତ୍ୱରେ ବହୁ ଶିକ୍ଷକ ଜିଲ୍ଲାପାଳଙ୍କ ଜରିଆରେ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଦାବୀପତ୍ର ପ୍ରଦାନ ସମୟରେ ଲିପୁନ କୁମାର ବାରିକ,ମାନସ ରନ ମହାକୁଡ,ଲକ୍ଷ୍ମୀପ୍ରୀୟା ମହାନ୍ତି,ରିତା ମିଶ୍ର,ଆନନ୍ଦ କୁମାର ପଣ୍ଡା,ଟଙ୍କଧର ମହାନ୍ତି,ପଦ୍ମିନୀ ମହାନ୍ତି,ପଦ୍ମାସିନୀ ସାହୁ,ସୁନିଲ କୁମାର ଗିରି,ଅଶୋକ କୁମାର ନାୟକ,ପୃଥ୍ୱିରାଜ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray